INDIAN INSTITUTE OF
ADVANCED STUDY
LIBRARY SHIMLA

# ମହାତ୍ମା ଭୀମଭୋଇ

( ସଂକ୍ଷିପ୍ତ ଜୀବନ କାହାଣୀ )

A brief life of the oriya poet prophet

**Bhim Bhoi**

*By : Shri Uddhab Nayak, M. A.*

॥ ଲେଖକ ॥

**ଶ୍ରୀ ଉଦ୍ଧବ ନାୟକ, ଏମ୍. ଏ.**

॥ ପ୍ରକାଶକ ॥

**ବି. ଏଲ୍. ନାୟକ ପବ୍ଲିଶର୍ସ**

ଏଫ୍—୪୩, ୟୁନିଟ୍-୮

ଭୁବନେଶ୍ୱର-୭୫୧୦୧୨

**1984**

**ପରିବେଷକ**

**ଅନନ୍ତ ପୁସ୍ତକ ଭଣ୍ଡାର**
ମହିମାଗାଦି
ଢେଙ୍କାନାଳ

**ବୁକ୍ସ ଇଣ୍ଟରନ୍ୟାସନାଲ**
ବାଙ୍କାବଜାର
କଟକ

**ମହାରଣା ବୁକ୍ ଷ୍ଟୋର**
କାଞ୍ଚନ ବଜାର, ଢେଙ୍କାନାଳ

All right reserved by the writer.

ମୂଲ୍ୟ:— **ତିନିଟଙ୍କା ମାତ୍ର**

Library IIAS, Shimla
PH
00081158

# ପଦେ—

ମହାତ୍ମା ଭୀମଭୋଇ ଓଡ଼ିଆ ଜାତିର ମହାନ୍ ଗୌରବ ତଥା ଓଡ଼ିଆ ସାହିତ୍ୟ ଜଗତର ଏକ ଅମ୍ଳାନ ପ୍ରତିଭା । ସେ କେବଳ କବି ଓ ପଣ୍ଡିତ ଭାବରେ ସ୍ୱୀକୃତ ନୁହଁନ୍ତି ଜଣେ ଅସାଧାରଣ ଶକ୍ତି ସଂପନ୍ନ ତତ୍ତ୍ୱଦର୍ଶୀ ମହାତ୍ମା ମହାପୁରୁଷ ଭାବରେ ଚିର ପୂଜ୍ୟ । ତାଙ୍କୁ ଜଣେ ସାଧାରଣ ଭକ୍ତ ଭାବରେ ଅଭିହିତ କରାଯାଇ ନପାରେ । ଏକେଶ୍ୱର ବାଦ ଉପରେ ରଚିତ ତାଙ୍କର କାବ୍ୟକୃତୀ ଯୋଗୁ ଊନବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଏକେଶ୍ୱର ଧର୍ମ 'ମହିମାଧର୍ମ' ଆଜି ବିଶ୍ୱର ଧର୍ମପ୍ରାଣ ଜନତାଙ୍କର ମନ ପ୍ରାଣକୁ ଆକୃଷ୍ଟ କରି ପାରିଛି ।

ଏଭଳି ମହାନ୍ ପୁରୁଷମାନଙ୍କ ସମ୍ବନ୍ଧରେ ସମଗ୍ର ଓଡ଼ିଆ ଜାତି ସମ୍ୟକ ଭାବରେ ଜ୍ଞାନ ଆହରଣ କରିବା ଉଚିତ ।

PH
891.4511
N 233 B

ମହିମାଗାଦି
ତା ୧୨-୨-୮୪

(ବିନୀତ)
ଲେଖକ

81158
27/5/93

# ମହାତ୍ମା ଭୀମଭୋଇ

## ● ଜଟାସିଙ୍ଗା ଗାଁ ଆଦିବାସୀ ପରିବାର କଥା

ଦେଢ଼ ଶହ ବର୍ଷ ତଳର କଥା । ସେତେବେଳେ ଜଟାସିଙ୍ଗା ଥିଲା ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଅଧିନରେ । ଏଇ ଜଟାସିଙ୍ଗା ଗାଁରେ ଦୁଇଟି କନ୍ଧ କନ୍ଧୁଣୀ ବାସ କରୁଥିଲେ । କନ୍ଧଟିର ନାମ ଦନାର ଭୋଇ ଓ କନ୍ଧୁଣୀର ନାମ ଗୁରୁବାରୀ । ଦନାର ବୁଢା ଗରିବ । ତାର ଜମିବାଡ଼ି କିଛି ନ ଥାଏ । ପ୍ରତିଦିନ ସେ ମୂଲ ଲାଗି ଯାହା ଆଣେ ସେଥିରେ ସ୍ୱାମୀ ସ୍ତ୍ରୀ ଦୁହେଁ କଷ୍ଟେମଷ୍ଟେ ଚଳି ଯାଆନ୍ତି । ଯେଉଁ ଦିନ କାମ ଧନ୍ଦାକୁ ଯାଇ ପାରେ ନାହିଁ ସେଦିନ ତା ଘରେ ଚୁଲି ଜଳେ ନାହିଁ । ସେମାନେ ଖାଦ୍ୟା ଖାଦ୍ୟ ଉପାସ ରହନ୍ତି । ସେଥିରେ କିନ୍ତୁ ସେମାନଙ୍କର ମହା ଆନନ୍ଦ । ହେଲେ ସ୍ୱାମୀ ସ୍ତ୍ରୀଙ୍କ ମନରେ ଗୋଟିଏ ଦୁଃଖ ଲୁଚି ରହିଥାଏ । ସେଇଟି ହେଲା, ସେମାନେ ଥିଲେ ନିଃସନ୍ତାନ । ପିଲା ଛକଟେ ପାଇଁ ସେମାନେ ସବୁବେଳେ ଠାକୁରଙ୍କୁ ଡାକୁ ଥାଆନ୍ତି । ସେମାନେ ଥିଲେ ଗଭୀର ଭଗବତ୍‌ପ୍ରେମୀ ଓ ଧାର୍ମିକ । ଠାକୁରଙ୍କ ଉପରେ ସେମାନଙ୍କର ଥିଲା ଅଟଳ ବିଶ୍ୱାସ । ଠାକୁରଙ୍କୁ ଡାକି ଡାକି ଥକି ଯାଇଥିଲେ ମଧ୍ୟ ନିଷ୍ଠୁର ଭଗବାନ ସେମାନଙ୍କର ଡାକ ଶୁଣୁ ନଥାନ୍ତି । ତଥାପି ଠାକୁରଙ୍କ ଉପରୁ ସେମାନଙ୍କର ବିଶ୍ୱାସ ତୁଟିଯାଉ ନ ଥାଏ ।

ଗୁରୁବାରୀ ନାରୀ । ପିଲା ଟିକଟେ ପାଇଁ ତା ମନ ସବୁବେଳେ ବ୍ୟାକୁଳ । ଦନାର କିନ୍ତୁ ସବୁବେଳେ ସ୍ତ୍ରୀର ମନ ଭୁଲାଇବା ପାଇଁ ଚେଷ୍ଟା କରୁଥାଏ । ହେଲେ ନାରୀମନ ବୁଝୁଛି କେତେକେ । ଗାଁ ଯାକର ମାଈପିମାନେ ଗୁରୁବାରୀକୁ ଟାଇଁ ଟାଇଁ ଭାଷାରେ ଦେଖାଇ ଶିଖାଇ ବାର କଥା କହନ୍ତି । ଗୁରୁବାରୀ କର୍ମ ଆଦରି ସବୁ ସହିଯାଏ, ଦିନକୁ ଦିନ ତା ପ୍ରତି ଗାଁ ମାଇପିମାନଙ୍କର ଏତାଦୃଶ ଭାବ ବଢ଼ିବାକୁ ଲାଗିଲା । ଗୁରୁବାରୀ କେତେ ସହିବ ? ସହିବାର ତ ପୁଣି ଗୋଟାଏ ସୀମା ଅଛି । ଗାଁରେ କୁସଂସ୍କାରମୂଳକ ଜନରବ ଖେଳିଲା —'ଦନାର ଓ ଗୁରୁବାରୀ ବାଂଝ, ଏମାନଙ୍କ ମୁହଁ ଚାହିଁଲେ ମହାପାପ ଓ ଅଶୁଭ' । ଗାଁରେ ସମସ୍ତେ କୁହାକୁହି ହେଲେ, ଏମାନଙ୍କୁ ଗାଁରୁ ବାହାର କରି ଦେବା ଉଚିତ । କେତେକ ଖଲଲୋକ ମଧ୍ୟ ଦନାର ଘରକୁ ଆସି ମୁହାଁମୁହିଁ ଶୁଣାଇ ଦେଲେ —ତୁମେମାନେ ସକାଳୁ ଉଠି କାହାରିକୁ ମୁହଁ ଦେଖାଇବ ନାହିଁ । ତୁମମାନଙ୍କର ମୁହଁ ଚାହିଁ ଶୁଭ କାମରେ ବାହାରିଲେ ତାହା ବିଫଳ ହେବ । ଗାଁ ଲୋକଙ୍କ ତାଡ଼ନାରେ ଦନାର ଓ ଗୁରୁବାରୀ ଡରିମରି ତାଟି କବାଟ ପକାଇ ଘର ଭିତରେ ରହିଲେ । ଦନାର ଆଉ କାମଧନ୍ଦାକୁ ଯାଇ ପାରିଲା ନାହିଁ । ଫଳରେ ସେମାନେ ଉପାସରେ ଦିନ କାଟିଲେ । ଏମିତି କେତେଦିନ ରହିବେ । କ'ଣ ଖାଇବେ, ସେମାନେ କ'ଣ ଭୋକ ଉପାସରେ ମରିବେ ? ବାଧ୍ୟ ହୋଇ ଦନାର ଦିନେ ବାହାରି ପଡ଼ିଲା କାମକୁ ।

ସେଦିନ ଗାଁର ଜଣେ ମୁଖିଆଲୋକ ସକାଳୁ ଉଠି ବାହାରି ଥିଲେ କୌଣସି ଏକ କାମରେ । ବାଟରେ ଭେଟିଲେ ଦନାକୁ । ସେ ଦନାରକୁ କିଛି ନ କହି ଚାଲିଗଲେ । ହେଲେ ତାଙ୍କର କାମ ସଫଳ ହେଲା ନାହିଁ । ତାଙ୍କର ମନେ ପଡ଼ିଗଲା ସକାଳର କଥା, ଆସିଲାବେଳେ ଦନାରକୁ ଦେଖି ଥିଲେ ବାଟରେ । ଦନାର ନାଁରେ

ପ୍ରଚଳିତ ଅନ୍ଧବିଶ୍ୱାସ ତାଙ୍କ ମନରେ ଦୃଢ଼ିଭୂତ ହେଲା । ତମ ସାପ ଭଳି ଫଁକରି ଗର୍ଜିଉଠିଲେ । କାର୍ଯ୍ୟ ବିଫଳର ପ୍ରତିଶୋଧ ନେବାପାଇଁ ସେ ସିଧା ଆସି ପହଞ୍ଚିଲେ ଦନାର ଘର ଦୂଆର ମୁହଁରେ । ସେତେବେଳକୁ ସଞ୍ଜ ହୋଇ ଆସୁଥାଏ । ଦନାର ମୂଲରୁ ଫେରି ଘରେ ଠାକୁର ପୂଜା କରୁଥାଏ । ମୁଖିଆ ଲୋକ ଜଣକ ଗର୍ଜନ କରି ଡାକ ଛାଡ଼ିଲେ ଦନାରକୁ । ସାଆନ୍ତଙ୍କ ପାଟି ଶୁଣି ଦନାର ଠାକୁର ପୂଜା ଛାଡ଼ିଆସି ଠିଆହେଲା ସାଆନ୍ତଙ୍କ ଆଗରେ । ଅତି ବିନମ୍ର ଭାବରେ ହାତଯୋଡ଼ି ପଚାରିଲା—ହଜୁର ! କୁଆଡେ ଆସିଲେ ? ସାଆନ୍ତେ କିନ୍ତୁ ରାଗରେ ତମ ତମ ହୋଇ କହିଲେ—ତୋ ମୁହଁ ଚାହିଁ ଯେଉଁ କାମରେ ଯାଇଥିଲି ତାହା ହୋଇ ପାରିଲା ନାହିଁ । ତୁ ବାଂଝ । ତୋରି ପାଇଁ ମୋର ସାରଦିନ ଆଜି ଅଶାନ୍ତିରେ କଟିଲା । ତୁ ହେଉଛୁ ଏଥିପାଇଁ ଦାୟୀ । ଗାଁ ଯାକ ଲୋକ ଯାହା କହୁଥିଲେ ସବୁ ଠିକ୍ । ଏଣିକି ସତର୍କରେ ଚଳାଚଳ କର ନହେଲେ ଅବସ୍ଥା ଖରାପ କରିଦେବି । ଏମିତି କେତେ କଥା କହି ସାଆନ୍ତେ ଦନାରକୁ ମନଇଚ୍ଛା ବେଇଜତ କଲେ ସେଗୁଡାକ ତୁଣ୍ଡରେ ପୁରାଇ ହେବନି । ଗଲାବେଳେ ସାଆନ୍ତେ ପୁଣି କହିଗଲେ, ଆଉ ଯେବେ କେଉଁଦିନ ସକାଳେ ଘରୁ ବାହାରକୁ ଗୋଡ଼ କାଢିଥିବୁ, ତୁମ ଘଇତା ମାଇପ ଦୁହିଁଙ୍କ ଜୀବନ ଶେଷ କରିଦେବି । ସାଆନ୍ତେ ଚାଲିଗଲେ । ହେଲେ ଯେଉଁ ସବୁ କଥା କହି ସେ ବେଇଜତ କରି ଗଲେ ଦନାର ଶାନ୍ତିରେ ବସି ପାରିଲା ନାହିଁ । ତା ମନରେ ବିଦ୍ରୋହ ଦେଖାଦେଲା । ସେ ହୋଇପାରେ କଙ୍ଗାଳ, ହୋଇପାରେ ଗରିବ, ଆଉ ହୋଇପାରେ ନିଃସନ୍ତାନ । ଯା'ବୋଲି ସେ ଅନ୍ୟଠାରୁ ଏଭଳି ଅତ୍ୟାଚାର ସହ୍ୟ କରିବ, କାହିଁକି ? ଏଇ କଥା ଭାବି ସେ ଭେ ଭେ ହୋଇ କାନ୍ଦିବାକୁ ଲାଗିଲା । ସିଧା ଘର ଭିତରକୁ ଯାଇ ଠାକୁରଙ୍କ ସାମନାରେ ମୁଣ୍ଡ ପିଟିବାକୁ ଲାଗିଲା । ସ୍ୱାମୀର ଦୁଃଖରେ ଗୁରୁବାରୀ ଭାଙ୍ଗିପଡ଼ି ତାଙ୍କୁ ବୁଝାଇବାକୁ ଲାଗିଲା । ଦନାନର

ବିଦ୍ରୋହୀ ମନ କିନ୍ତୁ ବୁଝିବାକୁ ନାରାଜ । ବଡ଼ ପାଟି କରି ସେ କହିଲା, ବିନା ଦୋଷରେ ଭଗବାନ କାହିଁକି ମୋତେ ଆଜି ଏତେ ଗାଳି ଖୁଆଇଲେ, ପିଲାଟିଏ ନାହିଁ ବୋଲି ମୋତେ ଅତ୍ୟାଚାର ସହିବାକୁ ପଡ଼ିବ ? ସେଦିନ ରାତିରେ ଆଉ ଦନାର ଘରେ ଚୁଲି ଜଳିଲା ନାହିଁ । ଶୋଇବା ଖାଇବା ସବୁ ବନ୍ଦ । ଉପାସରେ ରହି ସ୍ୱାମୀ ସ୍ତ୍ରୀ ଦୁହେଁ କେବଳ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ଏମିତି ପ୍ରାର୍ଥନା କରୁ କରୁ ଯେ ସେମାନଙ୍କୁ କେତେବେଳେ ନିଦ ଆସି ଯାଇଛି ଜଣା ନାହିଁ । ରାତ୍ରୀର ଶେଷ ପ୍ରହର । ଦନାର ଦେଖିଲା ଏକ ଅଦ୍ଭୁତ ସ୍ୱପ୍ନ ।—ତା କୋଳରେ ପୁଅଟିଏ ବସି ଗୋଡ଼ ପିଟି ଖେଳୁଛି, ଆଉ ତାର ସ୍ତ୍ରୀ ଗୁରୁବାରୀ ବାରମ୍ବାର ପିଲାଟିର ମୁହଁରେ ଚୁମା ଦେଇ ତାକୁ ଗେଲ କରୁଛି । ଚଟ୍‌କିନା ଦନାର ନିଦ ଭାଙ୍ଗିଗଲା । ଦେଖିଲା କେହି କୁଆଡ଼େ ନାହାଁନ୍ତି । ଆନନ୍ଦରେ ବିଭୋର ହୋଇ ଗୁରୁବାରୀକୁ ନିଦରୁ ଉଠାଇ ସ୍ୱପ୍ନ କଥା ଗୋଟି ଗୋଟି କରି କହିଲା । ଗୁରୁବାରୀ ସବୁ ଶୁଣି ଆନନ୍ଦରେ କହିଲା— ଠାକୁରେ ଆମ ଡାକ ନିଶ୍ଚୟ ଶୁଣିବେ, ଏଇ ହେଉଛି ତାର ଆଭାସ । ସ୍ୱାମୀ ସ୍ତ୍ରୀଙ୍କର ଆନନ୍ଦ କହିଲେ ନସରେ । ସେଦିନ ଥିଲା ସମ୍ଭବତଃ ୧୮୪୮ ମସିହା ଜ୍ୟେଷ୍ଠ ମାସର କୌଣସି ଏକ ପୁଣ୍ୟ ତିଥି ।

### ● ଅପୁତ୍ରିକର ପୁତ୍ର ଲାଭ

ରାତି ପାହିବାକୁ ଆଉ ଅଳ୍ପ ସମୟ ବାକି ଅଛି । ଦନାର ବାହାରିଲା ଘରୁ । ଯାଇ ପହଞ୍ଚିଲା ଗାଁ ମୁଣ୍ଡ ପୋଖରୀ ପାଖରେ ଥିବା ତାଳବଣ ଭିତରେ । ଯେତେବେଳକୁ ଗାଁ ଲୋକ ଉଠି ନଥାନ୍ତି । ଆଉ ଅଳ୍ପ ସମୟ ପରେ ରାତି ପାହିଯିବ । ମନରେ ତାର ଦକା, କାଳେ ତାକୁ କିଏ ଦେଖିଦେବ ଓ ପୁଣି ସେ ବେଇଜ୍ଜତ ହେବ । ଏ କଥା ଭାବି ତରବର ହୋଇ ତାଳବଣରୁ ତାଳ ଗୋଟେଇ ଟୋକେଇରେ ପୁରାଇଲା । ଏପଟକୁ ସେପଟକୁ ଟିକିଏ ଚାହିଁ

ଟୋକେଇଟିକୁ ମୁଣ୍ଡରେ ରଖିଲା । ତାଳ ଟୋକେଇ ମୁଣ୍ଡରେ ଲଦି ଘରକୁ ଫେରୁଛି ହଠାତ୍ ନଜର ପଡ଼ିଲା ଗୋଟେ ଛୋଟ ତାଳ ବୁଦା ମୂଳରେ । ଏ କ'ଣ ? ସେ ଆଶ୍ଚର୍ଯ୍ୟ ହୋଇ କିଛି ସମୟ ଠିଆ ହୋଇ ରହିଲା । ପ୍ରଥମେ ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଛାତି ଭିତର ତାର ଆନନ୍ଦରେ କରୁଳି ଉଠିଲା । ଦେଖିଲା, ଗୋଟିଏ ସଦ୍ୟଜାତ ଶିଶୁପୁତ୍ର ତାଳି ବଣରେ ପଡ଼ି ଗୋଡ ପିଟି ଖେଳୁଛି । ଦନାର ପୁଣି ଚାରି ଆଡକୁ ଟିକିଏ ଚାହିଁଲା । ଦେଖିଲା କେହି କେଉଁଠି ନାହାଁନ୍ତି । ତାଳ ଟୋକେଇଟିକୁ ଫୋପାଡ଼ି ଦେଇ ଠାକୁରଙ୍କୁ ମୁଣ୍ଡିଆ-ଟିଏ ପକାଇ ପିଲାଟିକୁ ଗାମୁଛାରେ ବାନ୍ଧିଲା । ସିଧା ଦୌଡ଼ିଲା ଘରକୁ । ମନରେ ତାର ଅଫୁରନ୍ତ ଆନନ୍ଦ । ଯାହା ହେଉ ଏତେ ଦିନକେ ଠାକୁରେ ତା ଡ଼ାକ ଶୁଣିଲେ । ଗତ ଦିନର ଦୁଃଖ ତା ମନରୁ ଅପସରି ଗଲା ।

ଘରକୋଣରେ ବସି ଗୁରୁବାରୀ ଠାକୁରଙ୍କୁ ଡାକୁଥାଏ ସ୍ୱାମୀ ତାର କେମିତି ଭଲରେ ଘରକୁ ଫେରିବେ । ଗତ ଦିନର ଘଟଣାକୁ ଭାବି ତା' ମନରେ ଅନେକ କଥା ଗଣ୍ଠେଇ ହେଉଥାଏ । ଏତିକି-ବେଳେ ଦନାର ଆସି ପହଞ୍ଚିଲା ଘରେ । ଗୁରୁବାରୀ ଦନାରକୁ ଦେଖି ଖୁସି ହୋଇଗଲା । ଯାହା ହେଉ ସ୍ୱାମୀ ତାର ଭଲରେ ଫେରି ଆସିଲେ । ଦନାର ଆନନ୍ଦରେ ଗାମୁଛା ଖୋଲି ଶିଶୁ ପୁତ୍ରଟିକୁ ଗୁରୁବାରୀ ହାତରେ ଦେଲା । ଗୁରୁବାରୀ ଆଶ୍ଚର୍ଯ୍ୟ ହୋଇ କହିଲା— 'ଏ କ'ଣ ଏ ପିଲାଟି କେଉଁଠୁ ଆଣିଲ ? ଦନାର କହିଲା, ଭଗବାନ ଆମର ଦୁଃଖ ଦେଖି ଆମକୁ ଦେଲେ । ଗୁରୁବାରୀ କହିଲା—ଆଜି ସ୍ୱପ୍ନ ସତ୍ୟରେ ପରିଣତ ହେଲା । ଭଗବାନ ଆର୍ତ୍ତର ଡାକ ଶୁଣନ୍ତି । ଆନନ୍ଦରେ ଅଧୀର ହୋଇ ପିଲାଟିର ମୁହଁରେ ବାରମ୍ବାର ଚୁମା ଦେବାକୁ ଲାଗିଲା ଗୁରୁବାରୀ । ଆନନ୍ଦରେ ସେ ଫାଟି ପଡ଼ିଲା । ତା ଆନନ୍ଦ କହିଲେ ନସରେ । ପୁଅଟିଏ ପାଇ ତା ମନରେ ଯେତିକି ଆନନ୍ଦ ଜାତ ହେଲା, ତାଁ ବାଳଙ୍କ ଆଖିରୁ କେମିତି ରକ୍ଷା ପାଇବ

ସେଇ ଚିନ୍ତାରେ ତା ମନରେ ଦୁଇଗୁଣ ଦୁଃଖ ଜାତ ହେଲା । କ'ଣ କରିବ କେଉଁଠି କେମିତି ସେ ପିଲାଟିକୁ ଲୁଚାଇ ରଖିବ । ଏଇ ଚିନ୍ତାରେ ସେ ଖାଲି ଘାରି ହେଲା ।

ନାରୀ ମାୟାବିନୀ । ମାୟା ରଚନା କରିବାରେ ସେ ସିଦ୍ଧ-ହସ୍ତା । ଗୁରୁବାରୀ ନାରୀ । ତା ମନରେ ଜାଗିଲା ମାୟା । ପାଇଥିବା ପୁତ୍ରକୁ ସେ କିପରି ନିଜ ପୁତ୍ର ଭାବରେ ଗ୍ରହଣ କରିନେବ ତା ମୁଣ୍ଡରେ ବୁଦ୍ଧି ପଶିଲା । ଶିଶୁଟିକୁ ଘରେ ଲୁଚାଇ ରଖି ପେଟରେ କନା ପୁଟୁଳା ପୁରାଇ ମାୟା ଗର୍ଭଧାରଣୀ ବେଶ ଧାରଣ କଲା ଗୁରୁବାରୀ । ନାରୀ ଛଳନାମୟୀ । ଛଳନା କରିବାରେ ସେ ନିପୁଣା । ନିଜର ଗର୍ଭଧାରଣ ଭାବକୁ ସାବ୍ୟସ୍ତ କରିବା ପାଇଁ ସେ ସାଇର ଘର ଘର ଯାଇ ବୁଲିଲା । ମାଈପିମାନେ ତାକୁ ପରିହାସ କରି କହିଲେ—କେମିତି ଏତେ ଦିନ ପରେ ତାର ଗର୍ଭ ହୋଇଛି ବୋଲି କିନ୍ତୁ ସେ ପ୍ରକୃତରେ ଗର୍ଭବତୀ ବୋଲି ସମସ୍ତେ ବିଶ୍ୱାସ କଲେ । ଦୁଇ ଚାରିଦିନ ପରେ ପାଇଥିବା ପୁତ୍ରକୁ ନିଜେ ଜନ୍ମ କଲା ଭଳି ସେ ଅଭିନୟ କଲା । ପୁଅ ଜନ୍ମ ହେଲା । ତା'ର ନାଁ ଦିଆହେଲା 'ଭୀମ' । ସେଇ ଦିନଠାରୁ ଭୀମଙ୍କର ପ୍ରକୃତ ପିତା ମାତାଙ୍କର ନାମ ଅଜ୍ଞାତ ହୋଇ ରହିଲା । ଭୀମ ଦନାର ଭୋଇର ପୁତ୍ର ଭାବରେ ପରିଚିତ ହେଲେ । ସେ କାହାର ପୁଅ ରହସ୍ୟ ଉଦ୍‌ଘାଟନ କରିବାପାଇଁ ଦନାର ଓ ଗୁରୁବାରୀ ଚେଷ୍ଟା କଲେ ନାହିଁ । ଭୀମ ହୋଇ ପାରନ୍ତି ଅଜ୍ଞାତ ସନ୍ତାନ ବା ହୋଇ ପାରନ୍ତି ବିଭୁଦତ୍ତ । ଭୀମଙ୍କର ଜନ୍ମ ରହସ୍ୟ ଏବେ ବି ତମସାଛନ୍ନ । ଦନାର ଭୋଇର ପୁତ୍ର 'ଭୀମ ଭୋଇ' ଯେତେବେଳେ ସନ୍ଥସାଧକରେ ପରିଣତ ହେଲେ ସେ ନିଜ ସଂପର୍କରେ ଲେଖି ଯାଇଛନ୍ତି ପଦୁଟିଏ । ଏଥିରୁ ଜଣାଯାଏ ଭୀମଭୋଇ ଅଯୋନୀସମ୍ଭୂତ । ତାଙ୍କର ପିତା ସ୍ୱୟଂ ଅନାଦି ଠାକୁର ଓ ମାତା ଆଦିଶକ୍ତି ଦେବୀ ।

''ପିତା ଅଟନ୍ତି ମୋ ଅନାଦି ଠାକୁର ମାତା ଆଦିଶକ୍ତି ନାରୀ ।
ଦୁତୀୟୁଗଳରୁ ଜନମ ଲଭିଛି କବିକୁଡ କଳା ଧରି ।।

ଏଣୁ ଭୀମଭୋଇଙ୍କୁ ଅଯୋନୀସମ୍ଭୂତ କହିବାରେ କୌଣସି ଅସୁବିଧା ନାହିଁ ।

## ● ଦନାନର ଦେଶାନ୍ତର ଓ ମୃତ୍ୟୁ

'ଭୀମ ଦନାର ଭୋଇର ପୁତ୍ର ନୁହଁନ୍ତି' ଏହା ଜଟାସିଙ୍ଗା ଗ୍ରାମବାସୀ ମାନେ ଦୃଢ଼ କଣ୍ଠରେ ଘୋଷଣା କଲେ । ଅପୁତ୍ରିକ ଦୋଷରୁ ରକ୍ଷାପାଇବା ପାଇଁ ଦନାର ପିଲାଚୋରି କରିଛି । ଦନାର ପିଲାଚୋର ଏକଥା ସମସ୍ତେ କହିଲେ । ଗାଁ ସାରା ଏକଥା ସ୍ପଷ୍ଟ ହୋଇଗଲା । ଏହାର ବିଚାର ପାଇଁ ଗାଁରେ ସଭା ବସିଲା । ଦନାର ଓ ଗୁରୁବାରୀଙ୍କୁ ସଭା ସ୍ଥାନକୁ ଡକାହେଲା । ସେମାନେ ଆସିଲେ । ସେମାନଙ୍କୁ ପ୍ରଶ୍ନ ହେଲା—ସତ କୁହ ! କେଉଁଠୁ ଏ ପିଲାକୁ ଚୋରି କରି ଆଣିଛ ?. ନିରୀହ ଅନ୍ଧ ସ୍ୱାମୀ ସ୍ତ୍ରୀ ହାତ ଯୋଡ଼ି କହିଲେ—ଆମେ ସତ କହୁଛୁ, ଏ ପିଲା ଆମକୁ ଭଗବାନ ଦେଇଛନ୍ତି, ଆମେ ପିଲା ଚୋରି କରି ନାହୁଁ । ଗ୍ରାମବାସୀ ମାନେ କିନ୍ତୁ ସେମାନଙ୍କ କଥାରେ ବିଶ୍ୱାସ କଲେନାହିଁ । ବାରମ୍ବାର ଗୁରୁବାରୀ ଓ ଦନାର ବହୁ ଅନୁନୟ ହୋଇ ଭୀମ' ତାଂକର ନିଜ ପୁଅ ବୋଲି ଖାଲି କହିବାକୁ ଲାଗିଲେ । ଗ୍ରାମବାସୀ ମାନେ ସେମାନଙ୍କର କୌଣସି କଥା ଶୁଣିଲେ ନାହିଁ । ସଭାରେ ଠିକ୍ ହେଲା ଦନାର ଓ ଗୁରୁବାରୀ ଆଉ ଗାଁରେ ରହି ପାରିବେ ନାହିଁ । ପିଲାଚୋରୀ ଦୋଷରେ ସେମାନେ ଜଟାସିଙ୍ଗା ଗାଁ ଛାଡ଼ି ଚାଲିଆସିଲେ ।

ଆସି ପହଞ୍ଚିଲେ ଲଷ୍ଟିବନ୍ଧ ଗାଁରେ । ସେଇଠି କୁଡ଼ିଆ ତିଆରି କରି ରହିଲେ । ଲଷ୍ଟିବନ୍ଧରେ ବର୍ଷେ ରହିଛନ୍ତି କି ନାହିଁ ତାଙ୍କୁ ସେଠାରେ ପିଲାଚୋର ବୋଲି କୁହାଗଲା । ତୁଷ୍ଟ ବାଇଦ ସହସ୍ର କୋଶ । ବାଧ୍ୟ ହୋଇ ସେମାନେ ଲଷ୍ଟିବନ୍ଧ ଛାଡ଼ିଲେ । ହେଲେ ଦୁଇ ବର୍ଷର ପିଲାକୁ ନେଇ ଯିବେ କେଉଁଠି କି ? ପିଲାଟିକୁ

ଧରି ଏ ଗାଁ ସେ ଗାଁ ବୁଲି ହୀନସ୍ତା ଭୋଗିଲେ । ସବୁଠି ଏକା କଥା । ଏହି ସମୟ ଭିତରେ ସେମାନେ ବୌଦ୍ଧର ଗୋପ ମଥୁରା ଓ ସୋନପୁରର ସଂଗ୍ରାମପୁର ଅଞ୍ଚଳରେ କିଛି ଦିନ କଟାଇ ଥିଲେ । ଚାରି ଆଡେ କିନ୍ତୁ ଏକା ଦଶା ଭୋଗିଲେ । ନିରୁପାୟ ହୋଇ ସେମାନେ ଆସି ପହଞ୍ଚିଥିଲେ ଆଠମଲ୍ଲିକର କୁନ୍ଦନାଳୀ ଗାଁରେ । କୁନ୍ଦନାଳୀ ତାଂକ ପାଇଁ ନିରାପଦ ସ୍ଥାନ ହେଲା । କୁନ୍ଦନାଳୀରେ ଦନାର ଓ ଗୁରୁବାରୀ ଉଭୟେ ମୂଲଲାଗି ପିଲାଟିକୁ ମଣିଷ କରିବାକୁ ଚେଷ୍ଟା କଲେ । ସେ କାଳରେ ଶିକ୍ଷାର ପ୍ରସାର ନଥିବା ଦୃଷ୍ଟିରୁ ଭୀମ ପାଠପଢାରୁ ବଞ୍ଚିତ ହେଲେ । ଦୁଃଖର କଥା ଦନାର ଭୋଇର ଜୀବନ ଦୀପ ସବୁଦିନ ପାଇଁ କୁନ୍ଦନାଳୀରେ ଲିଭିଗଲା । ଗୁରୁବାରୀ ଓ ଶିଶୁ ଭୀମ ଅନାଥ ହୋଇ ପଡ଼ିଲେ ।

ସେହି ସମୟରେ ଦନାରର ସାନଭାଇ ଧନେଶ୍ୱର କଦଳିଗଡ଼ ନିକଟ କନ୍ଧଲୀ ଗାଁରେ ରହି ମୂଲ ଲାଗି ପେଟ ପୋଷୁଥିଲା । ଧନେଶ୍ୱର ପାଇଲା ଭାଇର ମୃତ୍ୟୁ ଖବର । ଦୁଃଖରେ ଭାଙ୍ଗି ପଡ଼ି ପୁତୁରା ଓ ଭାଉଜଙ୍କ ଯତ୍ନ ନେବା ପାଇଁ ସେ ଦୌଡ଼ି ଆସିଲା କୁନ୍ଦନାଳୀ ଗାଁକୁ । ଧନେଶ୍ୱର ଆଉ କଦଳୀ ଗଡ଼କୁ ଫେରି ନଯାଇ କୁନ୍ଦନାଳୀରେ ଭାଉଜ ପୁତୁରାକୁ ଧରି ରହିଲା । ସେ ଥିଲା ଅବିବାହିତ ସଙ୍ଗରେ ତା ବିଧବା ଭାଉଜ । ମନ ତାର ଚହଲି ଉଠିଲା । କନ୍ଧ ପରମ୍ପରା ପ୍ରଥାନୁସାରେ ଧନେଶ୍ୱର ବିଧବା ଭାଉଜ ଗୁରୁବାରୀକୁ ଦୁତୀୟ ହେଲା । ସେ ଭୀମକୁ ନିଜ ପୁତ୍ର ଭଳି ପାଳନ କରିବାରେ କେବେ ଅବହେଳା କଲା ନାହିଁ । ସ୍ନେହ ମମତା ଦେଇ ଭୀମକୁ ନିଜର କରିନେଲା । ସମୟ କିନ୍ତୁ ବଦଳିଗଲା । ଧନେଶ୍ୱରକୁ ବିବାହ କରିବାପରେ ଗୁରୁବାରୀର ଦୁଇଟି ପୁଅ ଜନ୍ମହେଲେ । ପୁଅ ଦୁଇଟିର ନାଁ ଗୋବରୀ ଓ ମୁଚେଲୀ । ଗୁରୁବାରୀ ସାଜିଲା ବିମାତା । ନିଜ ପୁଅମାନଙ୍କୁ ଅଧିକ ସ୍ନେହ ମମତା ଦେଇ ଭୀମକୁ ହତାଦର କଲା ।

ମାଡ଼ ବି ମାଇଲା । ଏ ହେଉଛି ଦୁନିଆର ଚିରନ୍ତନ ପ୍ରଥା । ଗୁରୁବାରୀ ବା ଏଥିରୁ ବାଦ ଯିବ କେମିତି ? ପାଞ୍ଚ ପାଞ୍ଚଟି ପେଟକୁ ଦାନା ଦେବା ପାଇଁ ଧନେଶ୍ୱର ନିଜର ଅକ୍ଷମତା ପ୍ରକାଶ କଲା । ଧନେଶ୍ୱର ଓ ଗୁରୁବାରୀ ବିଚାର କରି ଭୀମଙ୍କୁ ମୂଲ ଲାଗିବା ପାଇଁ ପଠାଇଲେ । ସାତ ଆଠ ବର୍ଷର କୋମଳମତି ବାଳକ କି କାମ ଯେ କରିପାରେ ? ଭୀମ ମୂଲକୁ ଯାଇ ଦୁଃଖ ମନରେ ସମୟ କାଟିଲେ । ଫଳରେ ବାରମ୍ବାର ସେ ଗୁରୁବାରୀ ଠାରୁ ମାଡ ଖାଇଲେ । ଧନେଶ୍ୱର ଏଥିରେ କୌଣସି ପ୍ରତିବାଦ କଲା ନାହିଁ । ଶେଷରେ ଭୀମ ଉପାୟ ଶୂନ୍ୟ ହୋଇ ଧନେଶ୍ୱର ଖେଇ ଘର ଛାଡ଼ି ଚାଲି ଆସିଲେ ସମାଜ ଭିତରକୁ । ଗାଁ ଗାଁ ବୁଲି ଭିକ ମାଗିଲେ । ଭିକ ବା କିଏ ଦେଉଛି ? କିଛି ଦିନ ସେ ଘର ଘର ବୁଲି ଧାନ କୁଟିଲେ । ସ୍ୱାଧୀନ ମନ । ସ୍ୱାଧୀନ ଚିନ୍ତା ଦୁଃଖ ହେଉ ପଛେ ଏଥିରେ ଭୀମଙ୍କୁ ଭାରୀ ଖୁସି ଲାଗିଲା ।

## ● ଗାଈ ଜଗଆଳ ଭୀମଭୋଇ

ବୁଲି ବୁଲି ଭୀମ ଆସି ପହଁଞ୍ଚିଲେ କାଂକଣ ପଡା ଗାଁରେ । ବୈଷ୍ଣବ ପ୍ରଧାନ ସେଇ ଗାଁର ଗୌନ୍ତିଆ । ତାଂକର ଅଚଳା ଅଚଳ ସମ୍ପତ୍ତି । ଗୋଠ ଗୋଠ ଗାଈ ଗୋରୁ । ଭୀମଙ୍କୁ ଦାଣ୍ଡରେ ଦେଖି ପ୍ରଧାନେ ଡାକି ନେଇ ନିଜ ଘରେ ଆଶ୍ରୟ ଦେଲେ । ପ୍ରଧାନେ ଥିଲେ ବଡ ଧର୍ମ ପରାୟଣ । ପ୍ରଥମେ ସେ ଭୀମଙ୍କୁ ସାମାନ୍ୟ କିଛି କାମ ଦେଇ ସାନ୍ତ୍ୱନା ପ୍ରଦାନ କଲେ । ଭୀମ ଆଉ ପ୍ରଧାନଂକ ଘରୁ କେଉଁ ଆଡ଼େ ଗଲେ ନାହିଁ । ଏଇଠି ରହିଲେ । ପ୍ରଧାନଂକ ବ୍ୟବହାରରେ ଭୀମ ସନ୍ତୁଷ୍ଟ ହେଲେ । ପ୍ରଧାନେ ସବୁଦିନ ସଂଧ୍ୟାବେଳେ ବସି ଭାଗବତ ପଢ଼ନ୍ତି । ଭୀମ ପ୍ରଧାନଂକ ପାଖରେ ବସି ଭାଗବତ ଶୁଣନ୍ତି । କେତେଦିନ ପରେ ଭୀମ ସାରା ଭାଗବତକୁ

ଶୁଣି ଶୁଣି ମନେ ରଖି ଦିନେ ପ୍ରଧାନଙ୍କ ପାଖରେ ନିଜ ମୁହଁରୁ ଭାଗବତ ଶୁଣାଇ ଦେଲେ । ପ୍ରଧାନେ ଭୀମଙ୍କର ସ୍ମରଣ ଶକ୍ତି ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇ ଗଲେ । ସେହି ଦିନଠାରୁ ପ୍ରଧାନେ ଭୀମଙ୍କୁ ଆଉ କୌଣସି କାମ କରିବାକୁ ଦେଲେ ନାହିଁ । ଭୀମ କିନ୍ତୁ ନାରାଜ ଯେ କାମ ନକରି ତାଙ୍କ ଘରେ ଖାଇବେ ନାହିଁ । ବାଧ୍ୟ ହୋଇ ପ୍ରଧାନେ ଭୀମଙ୍କୁ ଗୋରୁ ଚରାଇବା କାମରେ ନିଯୁକ୍ତି ଦେଲେ । ଭୀମ ସକାଳୁ ଉଠି ଖାଇପିଇ ଗୋରୁ ଚରାଇବା ପାଇଁ ଜଙ୍ଗଲକୁ ଯାଆନ୍ତି ଓ ସଞ୍ଜବେଳକୁ ଫେରି ପ୍ରଧାନଙ୍କୁ ଭାଗବତ ଶୁଣାନ୍ତି । ଏହିପରି ଭୀମଙ୍କର ଦିନ ବିତିବାକୁ ଲାଗିଲା ।

ଦିନକର ଘଟଣା । ଭୀମ ଗୋରୁ ଚରାଇବାପାଇଁ ଯାଇ ସେଦିନ ସଞ୍ଜବେଳକୁ ଆଉ ଫେରିଲେ ନାହିଁ । ପ୍ରଧାନଙ୍କ ଗାଈ ଗୋରୁ ମନ ମନକୁ ଆସି ଗୁହାଳରେ ଢୁକିଲେ । ଗାଁର ଅନ୍ୟ ଗାଈ ଜଗୁଆଳ ପିଲାମାନେ ଆସି ପ୍ରଧାନଙ୍କୁ ଖବର ଦେଲେ—ଭୀମ ଆଜି ବୁଲୁଥିବା ବେଳେ ଗୋଟିଏ କୂଅରେ ପଡ଼ିଗଲା, ଆମେ ତାକୁ କୂଅରୁ କାଢ଼ିବା ପାଇଁ ଗଲାରୁ ସେ ଆମକୁ ବାଧା ଦେଇ କହିଲା, ଯେଉଁ ଭଗବାନ୍ ମୋତେ ଏଇ ଗଭୀର କୂଅରେ ପକାଇଛନ୍ତି ସେ ମୋତେ ଉଦ୍ଧାର କରିବା ପାଇଁ ଆସିଲେ ମୁଁ ଯାଇ ଏଠୁ ଯିବି । ପିଲାମାନଙ୍କ କଥାଶୁଣି ପ୍ରଧାନେ ଦୀର୍ଘନିଃଶ୍ୱାସଟିଏ ମାରି ଟିକିଏ ଗମ୍ଭୀର ହୋଇ ବସି ମନକୁ ମନ କହିଲେ, 'ତାର ଇଚ୍ଛା ନିଶ୍ଚୟ ପୂରଣ ହେବ' । ଭୀମ ଯେ ସାମାନ୍ୟ ମାନବ ନୁହଁନ୍ତି ଏହାର ଆଭାସ ସେ ବହୁ ଆଗରୁ ପାଇ-ସାରିଥିଲେ ।

ଭୀମ କୂଅରେ ପଡ଼ି ଗୁଣୁଗୁଣୁହୋଇ ଭାଗବତ ପଢ଼ୁଥାଆନ୍ତି । ସେ ଦିନ ମହାମହିମା ପ୍ରଭୁ ଢେଙ୍କାନାଳ ରାଜଦରବାରରେ ବିରାଜମାନ କରି ରଜାଙ୍କୁ ମହିମାଧର୍ମ ସମ୍ପର୍କରେ ବୁଝାଉଥାନ୍ତି । ହଠାତ୍ ଭୀମଙ୍କର

ଆର୍ତ୍ତଚିତ୍କାର ତାଙ୍କ କାନରେ ପଡ଼ିଲା । ଭକ୍ତ ଦୁଃଖହାରୀ ଭଗବାନ ଆଉ ସମ୍ଭାଳି ପାରିଲେ ନାହିଁ । ରାଜାଙ୍କୁ ହଠାତ୍ କହିଲେ—ମୋତେ ବର୍ତ୍ତମାନ ବହୁ ଦୂର ସ୍ଥାନକୁ ଯିବାକୁ ହେବ, ମୋର ଭକ୍ତ ସେଠାରେ ରହି ଦୁଃଖ ଭୋଗ କରୁଅଛି । ରାଜା କହିଲେ—ତେବେ ଆପଣଙ୍କର ଯାହା ଇଚ୍ଛା ତାହା ହିଁ କରନ୍ତୁ । ସେତେବେଳକୁ ସନ୍ଧ୍ୟା । ମହିମା ଗୋସାଇଁ କିପରି ଏକା ଯିବେ ଭାବି ରାଜା ତାଙ୍କର କେତେଜଣ ପାଇକ ମାନଙ୍କୁ ମହିମା ଗୋସାଇଁଙ୍କ ସଙ୍ଗରେ ଯିବାପାଇଁ ଆଦେଶ ଦେଲେ । ସ୍ୱୟଂ ମହିମା ପ୍ରଭୁ ପାଇକମାନଙ୍କ ସହ ଚାଲିଛନ୍ତି । ଏହିପରି କିଛି ବାଟ ଗଲାପରେ ପାଇକମାନଙ୍କୁ ପଛରେ ପକାଇ ପ୍ରଭୁ ଦ୍ରୁତ ବେଗରେ କେଉଁଆଡ଼େ ଅଦୃଶ୍ୟ ହୋଇ ଗଲେ । ମହିମା ପ୍ରଭୁଙ୍କର ଏହି ଭାବ ଦେଖି ପାଇକମାନେ ସେଠାରୁ ଫେରି ଆସି ରାଜାଙ୍କ ଆଗରେ ସବୁକଥା କହିଲେ । ରାଜା ଉପଲବ୍ଧି କଲେ ଯେ, 'ମହିମା ପ୍ରଭୁ' ମାନବ ନୁହନ୍ତି । ସ୍ୱୟଂ ଭଗବାନ ।

ମହିମାମୟ ମହିମା ପ୍ରଭୁ ଅର୍ଦ୍ଧରାତ୍ରୀ ସମୟରେ ଭୀମ ପତିତ ହୋଇଥିବା ନିବିଡ଼ ଅରଣ୍ୟ କୂପ ନିକଟରେ ଆବିର୍ଭାବ ହୋଇ ଆଦେଶ କଲେ—ଆସ ବାବା ! ଭକ୍ତ ପ୍ରବର ଭୀମ ! ତୁମକୁ ଉଦ୍ଧାର କରିବାପାଇଁ ମୁଁ ସ୍ୱୟଂ ଆସିଅଛି; ଏହା କହି ପ୍ରଭୁ ହସ୍ତ ପ୍ରସାରି ଦେଲେ । ଭୀମ ପ୍ରଭୁଙ୍କ ହାତଧରି ଉପରକୁ ଉଠି ଆସିଲେ । ଭୀମଙ୍କୁ ଉଦ୍ଧାର କରି ମହିମା ପ୍ରଭୁ ନିମିଷକ ମଧ୍ୟରେ କେଉଁ ଆଡ଼େ ଉଭାନ ହୋଇଗଲେ । ଭୀମ ଆଉ ପ୍ରଭୁଙ୍କର ଦର୍ଶନ ପାଇଲେ ନାହିଁ । ତା'ପରେ ଆଖି ମଳିମଳି ଟିକିଏ ବସି ପ୍ରଭୁଙ୍କୁ ଧ୍ୟାନ କଲେ । ସକାଳ ହେବାରୁ ପ୍ରଧାନଙ୍କ ଘରକୁ ଯାଇ ମୌନ ହୋଇ ବସି ରହିଲେ । ପ୍ରଧାନେ ଭୀମଙ୍କର ମୌନଭାବ ଲକ୍ଷ୍ୟ କରି ସବୁକଥା ଜାଣିପାରିଲେ । ଏହି ଘଟଣା ପରଠାରୁ ଭୀମଙ୍କଠାରେ ନାନା ପ୍ରକାର ପରିବର୍ତ୍ତନ ଦେଖା ଦେଲା । ଭୀମଙ୍କ ରହିବାପାଇଁ ପ୍ରଧାନେ ଗୋଟିଏ ସ୍ୱତନ୍ତ୍ର ଘରବରଖାସ୍ତ ଛାଡ଼ି ଦେଲେ । ଭୀମ ସେଇ ଘରେ ରହି ପରଂବ୍ରହ୍ମଙ୍କ

ଉପାସନାରେ ରତ ହେଲେ । ଯେତେବେଳେ ପ୍ରଧାନେ ଭୀମଙ୍କୁ ଖାଇବାପାଇଁ ଯାହା ଦେଉଥିଲେ ଭୀମ ତାହା ସାଦରେ ଗ୍ରହଣ କରୁଥିଲେ ।

## ● ଭୀମଙ୍କର ଦିବ୍ୟଜ୍ଞାନଲାଭ ଓ ମହିମା ଧର୍ମରେ ଆଶ୍ରିତ

ଭୀମ ରହିଥାଆନ୍ତି କାଂକଣ ପଡ଼ା ବୈଷ୍ଣବ ପ୍ରଧାନଙ୍କ ଘରେ । ଦିନେ ଅର୍ଦ୍ଧରାତ୍ର ସମୟରେ ଭୀମ ଶୋଇଥିବା ଘର ଦୁଆର କବାଟ ବାଡେଇ କିଏ ଡାକ ଦେଲେ—ଭୀମ ! ଭୀମ, ଉଠ । ସୁମଧୁର ଡାକରେ ଭୀମଙ୍କର ନିଦ ଭାଙ୍ଗିଗଲା । ସେ କବାଟ ଖୋଲି ବାହାରକୁ ଆସି ଦେଖିଲେ, ଦୁଇଜଣ ସନ୍ନ୍ୟାସୀ ଦାଣ୍ଡରେ ଠିଆ ହୋଇଛନ୍ତି । ଭୀମ ସେମାନଙ୍କୁ ରାତି ଅଧରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଜଣେ କହିଲେ—ଭକ୍ତପ୍ରବର ! ଆମ୍ଭକୁ ଦେଖି ବିଚଳିତ ହୁଅ ନାହିଁ, ମୁଁ ହେଉଛି ସ୍ୱୟଂ ମହିମା ଗୋସାଇଁ ସାଥୀରେ ମୋର ଆଦ୍ୟଶିଷ୍ୟ ଗୋବିନ୍ଦ ବାବା । ମହିମାଧର୍ମ ପ୍ରଚାର ପାଇଁ ଆମେ ଗାଁ ଗାଁ ବୁଲୁଛୁ । ଶୀଘ୍ର ଆମକୁ ଭିକ୍ଷା ଦିଅ, ଆମ୍ଭେମାନେ ଏପର୍ଯ୍ୟନ୍ତ କିଛି ଖାଇନାହୁଁ । ମହିମା ପ୍ରଭୁଙ୍କର ଅମୀୟ ବଚନ ଶ୍ରବଣ କରି ଭୀମ ଆନନ୍ଦରେ ଗଦ୍‌ଗଦ୍ ହୋଇ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ—ପ୍ରଭୁ ! ମୁଁ ହେଉଛି ଛାର ହୀନ କନ୍ଧ । ମୋ ହାତରୁ ଆପଣ ଅନ୍ନଭିକ୍ଷା କରିବେ । ମହିମା ପ୍ରଭୁ କହିଲେ—ଆମ୍ଭେ ଯେଉଁ ଧର୍ମ ପ୍ରଚାର କରୁଛୁ ତାହା ହେଉଛି 'ମହିମା ଧର୍ମ' । ଆମ୍ଭ ଧର୍ମରେ ଜାତିଭେଦ ନାହିଁ । ସବୁ ମଣିଷ ସମାନ, ସମସ୍ତେ ଏକା ଜାତି, ମାନବ ଜାତି । ଏଣୁ ତୁମ୍ଭ ଘରେ ଭିକ୍ଷା ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ । ମହିମା ପ୍ରଭୁଙ୍କ କଥା ଶୁଣି ଆନନ୍ଦ ଚିତ୍ତରେ ଭୀମ ସ୍ୱହସ୍ତରେ ମହିମା ପ୍ରଭୁ ଓ ଗୋବିନ୍ଦ ବାବାଙ୍କୁ ଧର୍ମ ଦାଣ୍ଡରେ ଅନ୍ନ ଭିକ୍ଷା ଦେଲେ । ମହିମା ପ୍ରଭୁ ଭୀମଙ୍କୁ ମହିମା ଧର୍ମରେ ଦିକ୍ଷୀତ କରି ଶିଷ୍ୟ ଭାବରେ ଗ୍ରହଣ କଲେ । ସେହି ଦିନଠାରୁ ଭୀମ ହୋଇ ମହିମା

ପ୍ରଭୁଙ୍କର ଦ୍ୱିତୀୟ ଗୃହିଶିଷ୍ୟ ଭାବରେ ପରିଚିତ । ମହିମାପ୍ରଭୁ ଭୀମଙ୍କ-ଠାରୁ ବିଦାୟ ନେବା ସମୟରେ ସ୍ୱତଃ ଭୀମଙ୍କ ମୁଖରୁ ଏକ ଭକ୍ତିମୂଳକ ସଙ୍ଗୀତ ବାହାରି ଆସିଲା—

'ବନ୍ଦନା ପାଦ ପଦ୍ମକୁ ଧ୍ୟାୟୀ ଗୁରୁ ପୟରକୁ' । ଭୀମଙ୍କ ଏତାଦୃଶ କବିତା ଶକ୍ତିରେ ପ୍ରୀତ ହୋଇ ମହିମାପ୍ରଭୁ ଭୀମଙ୍କୁ ଆଜ୍ଞା ଦେଲେ—ତୁମ୍ଭେ ଶୂନ୍ୟଭକ୍ତି ଓ ମହିମାଧର୍ମ ତତ୍ତ୍ୱ ଉପରେ ଗ୍ରନ୍ଥ ରଚନା କରିବାରେ ପାରଦର୍ଶିତା ଲାଭ କର । ପ୍ରଭୁଙ୍କର ଆଶୀର୍ବାଚକ ବାଣୀ ଶ୍ରବଣକରି ଭୀମ କହିଲେ, ପ୍ରଭୁ ! ମୁଁ ମୂର୍ଖ ଅନ୍ଧ କିପରି ଲେଖନୀ ଚାଳନା କରି ଗ୍ରନ୍ଥ ରଚନା କରିବି ? ପ୍ରଭୁ ଭୀମଙ୍କର ମସ୍ତକ ସ୍ପର୍ଶକରି ହସିହସି କହିଲେ, ଆମ୍ଭେ ତୁମ୍ଭକୁ ଦିବ୍ୟଜ୍ଞାନ ପ୍ରଦାନ କଲୁ, ତୁମେ ପାଣ୍ଡିତ୍ୟ ଲାଭ କର । ତୁମ ରଚନାକୁ ଲିପିବଦ୍ଧ କରିବାପାଇଁ ଆମ୍ଭେ ତୁମ୍ଭ ନିକଟକୁ ଚାରିଜଣ ଲେଖନକାର ପଠାଇବୁ । ତୁମ ମୁଖରୁ ଯେଉଁ ଜ୍ଞାନମୟ କବିତା ପ୍ରକାଶ ପାଇବ ତାହା ସେମାନେ ତାଳପତ୍ରରେ ଲିପିବଦ୍ଧ କରିବେ । ଏହା କହି ପ୍ରଭୁ ଗୋବିନ୍ଦବାବାଙ୍କୁ ସଙ୍ଗରେ ଧରି ଅନ୍ତର୍ଦ୍ଧାନ ହୋଇ ଗଲେ ।

କିଛି ଦିନପରେ ସମ୍ବଲପୁର ଅଞ୍ଚଳର ହରି ପଣ୍ଡା, ବାସୁଦେବ ପଣ୍ଡା, ମାର୍କଣ୍ଡ ଦାସ ଓ ଧର୍ମାନନ୍ଦ ଦାସ ନାମରେ ଚାରିଜଣ ବ୍ରାହ୍ମଣ ଆସି ଭୀମଙ୍କ ନିକଟରେ ପହଞ୍ଚିଲେ । ଭୀମଙ୍କ ମୁଖ ନିଃସୃତ ବାଣୀକୁ ସେମାନେ ତାଳପତ୍ରରେ ଲିପିବଦ୍ଧ କରି ରାଶି ରାଶି ଗ୍ରନ୍ଥ ମହିମା ପ୍ରଭୁଙ୍କ ନିକଟକୁ ପଠାଇଲେ । ମହିମା ପ୍ରଭୁଙ୍କ ଅନୁମୋଦନ ଲାଭକରି ସେହି ଗ୍ରନ୍ଥ ଗୁଡ଼ିକ ବହୁ ସଂଖ୍ୟାରେ ନକଲ ହୋଇ ମହିମାଧର୍ମର ସାଧୁ ଭକ୍ତଙ୍କ ପଠନ ନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପଠାଇ ଦିଆ ଯାଉଥିଲା । ବର୍ତ୍ତମାନ ସେହି ଗ୍ରନ୍ଥଗୁଡ଼ିକ ମଧ୍ୟରୁ କେତେକ ଗ୍ରନ୍ଥର ତାଳପତ୍ର ପୋଥି ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳୁଅଛି । ଭୀମଭୋଇ ଏକାଥରକେ ଚାରିତୋଟି ଲେଖାଏଁ ଭଜନ ସୃଷ୍ଟିକରି ପାରୁଥିଲେ ।

ସେହି ଭଜନକୁ ଗୃହିଜଣଯାକ ଲେଖକ କ୍ରମାନ୍ୱୟ ଭାବରେ ଏକା-ଥରକେ ନକଲ କରୁଥିଲେ । ଏହା ଭୀମଭୋଇ ସ୍ୱରଚିତ ଭଜନ ମଧ୍ୟରେ ଉଲ୍ଲେଖ କରିଛନ୍ତି—

"ଲେଖାଳ ବସେଇବୁ ମୁଁ ଯେ କଲି କବିତ୍ୱ ।
ଏକାବେଳେ ବାନ୍ଧିଲି ମୁଁ ଛତିଶ ଗୀତ ॥"

ଭୀମଭୋଇଙ୍କର ସମସ୍ତ ରଚନା ଗୁରୁମହିମା ପ୍ରଭୁଙ୍କ ଆଦେଶରେ ରଚିତ ବୋଲି ଜଣଯାଏ । ଏହା ମଧ୍ୟ ନିଜେ ଭୀମଭୋଇ ସ୍ୱରଚିତ ଭଜନରେ ଉଲ୍ଲେଖ କରିଛନ୍ତି—

ଶ୍ରୀଗୁରୁ ଆଜ୍ଞାରେ ମୋର ସିନା କବିପଦ ।

ଭୀମ ଭୋଇ ବହୁ ଗ୍ରନ୍ଥର ରଚୟିତା ଭାବରେ ପରିଚିତ । ତାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରୁ ବ୍ରହ୍ମ ନିରୂପଣ ଗୀତା, ସ୍ତୁତି ଚିନ୍ତାମଣି, ନିର୍ବେଦ ସାଧନ, ଅଷ୍ଟକ ବିହାରୀ ଗୀତା, ଆଦିଅନ୍ତ ଗୀତା, ଶ୍ରୁତି ନିଷେଧ ଗୀତା, ଭଜନମାଳା, ଚଉତିଶା ଗ୍ରନ୍ଥମାଳା ଓ ବ୍ରହ୍ମ ଗୃଳକ ଆଦି ଗ୍ରନ୍ଥ ପ୍ରକାଶିତ ହୋଇ ମହିମାଧର୍ମାବଲମ୍ବୀମାନଙ୍କ ଦ୍ୱାରା ବିଶେଷ ଆଦୃତ ଲାଭ କରିଅଛି । ଏହି ଗ୍ରନ୍ଥ ମାନଂକରେ କବିଂକର ବିଦଗ୍ଧବେଦନା, ମାନସିକ ଚେତନା ଓ ଜୀବନାଲେଖ୍ୟ ଇତ୍ୟାଦି ସ୍ଥାନ ପାଇଅଛି । ଆହୁରି ମଧ୍ୟ କବିଂକର ଅନେକ ରଚନା ଯଥା; ବ୍ରହ୍ମ ସଂଯୁକ୍ତ ଗୀତା, ମହିମା ବିନୋଦ, ମନୁଦଣ୍ଡମଣ୍ଡଳ ଓ କଳି ଭାଗବତ ଇତ୍ୟାଦି ଗ୍ରନ୍ଥ ଅପ୍ରକାଶିତ ଭାବରେ ରହିଅଛି ।

## ● ନିତ୍ୟସ୍ଥଳ ରାଧା ଭୀମଭୋଇ

ଭୀମଭୋଇଙ୍କୁ ନିତ୍ୟସ୍ଥଳ ରାଧା ବୋଲି କୁହାଯାଏ । ସେ ଅନେକ ଥର ନିଜର ସ୍ତ୍ରୀ ବେଶ ସିଦ୍ଧସାଧୁମାନଂକ ସମ୍ମୁଖରେ ପ୍ରଦର୍ଶିତ କରିଥିବାର ଶୁଣାଯାଏ । ଶ୍ରୀଧର ଗୋସ୍ୱାମୀଂକ 'ସିଦ୍ଧଚନ୍ଦ୍ରିକା' ଓ ଅଚ୍ୟୁତାନନ୍ଦଂକ 'କଳ୍ପସଂହିତା' ଆଦି ଗ୍ରନ୍ଥମାନଙ୍କରେ ଭୀମଭୋଇ 'ରାଧା' ଭାବରେ ବର୍ଣ୍ଣିତ ହୋଇଛନ୍ତି—

(୧) ବଉଦ୍ଧ ରେଢ଼ାଖୋଲ ଠାରେ । ପ୍ରଭୁ ବିଜୟ ଏକାନ୍ତରେ ।।
କନ୍ଧ ଅଂଶରେ ଜନ୍ମ ହୋଇ । ନିତ୍ୟଋଧିକା ଥିବ ରହି ।।
ପୁଂଲିଙ୍ଗେ ହୋଇଥିବ ଜାତ । ଜନ୍ମରୁ ନେତ୍ର ତାଂ ମୁଦ୍ରିତ ।।
(ସିନ୍ଧ ଚନ୍ଦ୍ରିକା)

(୨) ଏ ନିତ୍ୟ ଋଧା ମହାସତ୍ୟ । ମର୍ତ୍ତ୍ୟେ ହୋଇବ ଉତ୍‌ପର୍ତ୍ତ ।।
ପୁଂଲିଙ୍ଗେ ପ୍ରକାଶ ତା କାୟ । ଅତି ଦରିଦ୍ରାବସ୍ଥା ଦେହ ।।
କେବଳ ମୁଷ୍ଟି ଭିକ୍ଷା କରି । ଗ୍ରାମେ ଗୋବସ୍ତା ପଢିହାରୀ ।।
ଚକ୍ଷୁ ବିହୀନେ ହୀନ ବପୁ । ଘଟେ ପ୍ରକୃତି ନୋହେ ରିପୁ ।।
କୁଳଶୀଳ ତା ଅଟେ କନ୍ଧ । ସେ ଭକ୍ତ କୁଳେ ହୁତୀ ଛନ୍ଦ ।।
(କଳ୍ପ ସଂହିତା)

କେହି କେହି କହନ୍ତି, ଭୀମଭୋଇ ମହିମାପ୍ରଭୁଙ୍କ ଠାରୁ ବକ୍‌କଳ ପ୍ରାପ୍ତ ହୋଇ ସନ୍ନ୍ୟାସୀ ବେଶରେ ଓଡ଼ିଶାର ପଶ୍ଚିମାଞ୍ଚଳରେ ବୁଲି ମହିମାଧର୍ମ ପ୍ରଚାର କରୁଥିଲେ । ମୁଖ୍ୟତଃ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗୀର, ରାୟପୁର, ରାୟଗଡ଼, ଛତିଶଗଡ଼ ଓ ବସ୍ତର ଅଞ୍ଚଳରେ ତାଙ୍କର ବହୁ ସଂଖ୍ୟକ ଶିଷ୍ୟ ଓ ଭକ୍ତ ଥିଲେ । ୧୮୭୬ ମସିହାରେ ମହିମା ପ୍ରଭୁଙ୍କର ମହାପ୍ରୟାଣ ସମ୍ବାଦ ପାଇ ଭୀମଭୋଇ ଯୋରନ୍ଦା ଚାଲି ଆସିଥିଲେ । ମହିମାପ୍ରଭୁଙ୍କର ମହାପ୍ରୟାଣ ସମ୍ବାଦ ତାଙ୍କ ମନରେ ଦାରୁଣ ଆଘାତ ଦେଲା । ସେତେବେଳେ ଯୋରନ୍ଦାଠାରେ ଆହୂତ ହୋଇଥିବା ଧର୍ମ ସଭାରେ ତାଙ୍କୁ ପ୍ରବେଶ କରାଇ ଦିଆଗଲା ନାହିଁ । ଅପରନ୍ତୁ କେତେକ ଖଳ ପ୍ରକୃତିର ଲୋକେ ତାଙ୍କୁ ଗୋଟିଏ ଘରେ ପୁରାଇ ବାନ୍ଧିକରି ମାଡ ମାରିଥିବାର ଶୁଣାଯାଏ । ଫଳରେ ଭୀମ ଭୋଇ କାନ୍ଦି କାନ୍ଦି ଯୋରନ୍ଦା ଛାଡ଼ି ପଶ୍ଚିମ ଓଡ଼ିଶାକୁ ଚାଲି ଆସି ସୋନପୁର ଆଦି ଅଞ୍ଚଳରେ ଭ୍ରମଣ କରି ମହିମା ପ୍ରଭୁଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣ କରି ମହିମାଧର୍ମ ପ୍ରଚାରରେ ଲାଗି ପଡ଼ିଲେ ।

## ● ସୋନପୁରରେ ଭୀମ ଭୋଇ

ସୋନପୁର ଅଞ୍ଚଳର ଲୋକେ ଭୀମ ଭୋଇଙ୍କୁ ମହିମା ପ୍ରଭୁଙ୍କ ଭଳି ପୂଜା ଓ ଭକ୍ତି କରିବାକୁ ଲାଗିଲେ । ସବୁବେଳେ ତାଙ୍କ ଗହଣରେ ହଜାର ହଜାର ସଂଖ୍ୟାରେ ନରନାରୀ ସମବେତ ହୋଇ ତାଂକ ଠାରୁ ଧର୍ମ ଉପଦେଶ ଗ୍ରହଣ କଲେ । ଭୀମ ଭୋଇଂକ ଦ୍ୱାରା ଅନୁଷ୍ଠିତ ମହିମା ମହୋତ୍ସବ ମାନଙ୍କରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସବୁ ଜାତିର ଲୋକେ ଯୋଗଦାନ କରି ମହିମା ପ୍ରଭୁଂକର ଓ ଭୀମଭୋଇଙ୍କର ଜୟ ଗାନ କରୁ ଥିଲେ । ବ୍ରାହ୍ମଣମାନେ ମଧ୍ୟ ଭୀମ ଭୋଇଙ୍କୁ ମାନୁଥିଲେ । ଭକ୍ତମାନେ ବହୁ ଧନ ରତ୍ନ ଆଣି ଭୀମ ଭୋଇଙ୍କସମୀପରେ ଗଦା କରୁଥିଲେ । ଏପରିକି କେତେକ ଭକ୍ତ ନିଜର ସୁନ୍ଦରୀ କନ୍ୟା ମାନଙ୍କୁ ଆଣି ଭୀମଭୋଇଂକ ସେବା ନିମନ୍ତେ ପ୍ରଦାନ କରୁଥିଲେ । ସନ୍ଥ ଭୀମ ଭୋଇଙ୍କ ମହିମା ଶ୍ରବଣ କରି ତତ୍‌କାଳୀନ ସୋନପୁର ରାଜା ନୀଳଧର ସିଂହ ତାଙ୍କୁ ନିଜ ଉଆସକୁ ନିମନ୍ତ୍ରଣ କରି ଆଣିଲେ । ସନ୍ଥ ଭୀମଙ୍କର କବିତ୍ୱ, ପାଣ୍ଡିତ୍ୟ, ଜ୍ଞାନ, ଗୁଣ, ଗରିମାରେ ରାଜା ନୀଳଧର ସିଂହ ଅଭିଭୂତ ହୋଇ ପଡ଼ିଲେ । ଫଳରେ ଭୀମଂକର ମଠ ମନ୍ଦିର ନିର୍ମାଣ ନିମନ୍ତେ ରାଜା ନୀଳଧର ସିଂହ ଖଲିଆପାଲି ଠାରେ ବହୁ ଜମିବାଡ଼ି ପ୍ରଦାନ କରିଥିଲେ । ଏବେ ଭୀମ ଭୋଇଂକର ମଠ ମନ୍ଦିର ଏହି ଖଲିଆପାଲୀ ଠାରେ ରହି ମହିମାଧର୍ମ ଅବଲମ୍ବୀଂକ ଏକ ପୀଠ ରୂପେ ପ୍ରସିଦ୍ଧି ଲାଭ କରିଅଛି ।

ଦିନକର ଘଟଣା । ଗୋଲଣ୍ଡାର ମହିମା ଆଶ୍ରମରେ ସନ୍ଥ ଭୀମ ଭୋଇ ବହୁ ଭକ୍ତମାନଂକ ଗହଣରେ ରହି ମହିମା ମହୋତ୍ସବରେ ବ୍ୟସ୍ତ ଅଛନ୍ତି । ତାଂକ ଗହଣରେ ବହୁ ନର ନାରୀ ସମବେତ । ସେମାନଂକ ମଧ୍ୟରେ ଅନ୍ନପୂର୍ଣ୍ଣା ନାମରେ ଜଣେ ମହିଳା ଉପସ୍ଥିତ । ଏହି ସମୟରେ ଅନ୍ନପୂର୍ଣ୍ଣାଙ୍କ ଭଙ୍କ ମହିମା ଭକ୍ତ ଭୀମଦାସ ଆସି

ଉପସ୍ଥିତ ହୋଇ କହିଲେ—ଭୀମ ଭୋଇ ମୋର ଭଉଣୀ ଅନ୍ନପୂର୍ଣ୍ଣାକୁ ହରଣଚାଳ କରି ଆଣି ଏଠି ରଖିଛନ୍ତି । ଭୀମଦାସଂକର ଏହି କଥା ପଦକରେ ଭକ୍ତମାନେ ବିଚଳିତ ହୋଇ ପଡ଼ିଲେ । ଲଜ୍ଜାରେ ଭୀମ ଗୋଲଣ୍ଡା ଟୁଙ୍ଗୀ ତ୍ୟାଗ କରି ପଳାଇ ଆସିଲେ ଖଲିଆପାଲି । ସେ ଆଶ୍ରମ ଛାଡ଼ି ଆଉ କେଉଁଆଡ଼େ ଗଲେନାହିଁ । ଭୀମ ଖଲିଆପାଲିରେ ଯେଉଁଦିନ ଆସି ପହଞ୍ଚିଲେ ସେଦିନ ଚୌନ୍ତିଆ ଲୋଚନ ବର୍ତ୍ତିଂକର ପୁଅଟିଏ ଜନ୍ମ ହୋଇ ଥିଲା । ଭୀମଂକର ନାମ ଅନୁସାରେ ପିଲାଟିର ନାଁ ରଖିଲେ ଭୀମ ବର୍ତ୍ତି ।

## ✳ ଭୀମଭୋଇଙ୍କ ଅଭିଶାପ ଦ୍ୱାରା ରାଜାଙ୍କର ମୃତ୍ୟୁ ।

ସନ୍ଥ ଭୀମଙ୍କର ମହିମା ପୁଣି ଚାରିଆଡ଼େ ବ୍ୟାପିଲା । ପ୍ରତିଦିନ ତାଙ୍କ ପାଖରେ ଶହ ଶହ ସଂଖ୍ୟାରେ ଭକ୍ତ ସମବେତ ହେଲେ । ପୋଲଣ୍ଡର ଯେଉଁ ଭକ୍ତମାନଙ୍କର ଭୀମଙ୍କ ପ୍ରତି ଖରାପ ଧାରଣା ସୃଷ୍ଟି ହୋଇଥିଲା ସେମାନେ ନିଜର ଭୁଲ ବୁଝିପାରି ପୁଣି ଖଲିଆପାଲି ଆସି ନିଜର ଦୋଷ ସ୍ୱୀକାର କରି ଭୀମଙ୍କ ଗହଣରେ ରହି ଧର୍ମ ଉପଦେଶ ଗ୍ରହଣ କଲେ । ଭୀମଙ୍କର କେତେକ ବିରୋଧି-ଲୋକ ଭୀମଭୋଇଙ୍କ ପ୍ରଶଂସା ସହ୍ୟ କରି ପାରିଲେ ନାହିଁ । ଦଳଦଳ ହୋଇ ଆସି ରଜାଙ୍କ ପାଖରେ ଭୀମଭୋଇଙ୍କ ବିରୁଦ୍ଧରେ ନାନା କଥା ବୟାନ କଲେ । ସେମାନେ ରଜାଙ୍କୁ ଆସି ଖୋଲା ଖୋଲି କହିଲେ—ଆପଣ ଯାହାଙ୍କୁ ସନ୍ଥ ସାଧକ ବୋଲି କହୁଛନ୍ତି, ଯାଆନ୍ତୁ ଦେଖିବେ, କିପରି ସେହି ଭୀମ ଫୁଲ ଚନ୍ଦନ ସୁବାସ ଅତର ମାଖି ନାରୀମାନଙ୍କୁ ସାଙ୍ଗରେ ଧରି ଖଲିଆପାଲି ଆଶ୍ରମରେ ଲୀଳା କରୁ-ଛନ୍ତି । ଖଳଲୋକମାନଙ୍କର ଭିତିରିକଥା ବୁଝିନପାରି ରଜା ବିଚଳିତ ହୋଇ ପଡ଼ିଲେ ଓ ଏହି ଘଟଣାର ଶୀଘ୍ର ଅନୁସନ୍ଧାନ କରିବାପାଇଁ ଦେଓ୍ୱାନ ବନମାଳି ବାବୁଙ୍କୁ ନିର୍ଦ୍ଦେଶ ଦେଲେ । ବନମାଳିବାବୁଙ୍କର ସେହି ଖଳଲୋକମାନଙ୍କର ସହ ପୂର୍ବରୁ ସଂପର୍କ ଥିବାପରି

ଜଣାଯାଏ । ବନମାଳିବାବୁ କାଳ ବିଳମ୍ବ ନକରି ଯାଇ ପହଞ୍ଚିଲେ ଖଲିଆପାଲି ମହିମା ଆଶ୍ରମଠାରେ । ସେ ଜୋତା ପିନ୍ଧି ପ୍ରବେଶ କଲେ ଭୀମଭୋଇ ରହୁଥିବା ଟୁଙ୍ଗୀ ଭିତରେ । ସେତେବେଳକୁ ଅନ୍ୟାନ୍ୟ ବହୁ ସାଧୁ ଭକ୍ତମାନଙ୍କ ସହ ଅନ୍ନପୂର୍ଣ୍ଣା, ସୁମେଧା, ରୋହିଣୀ, ସରସ୍ୱତୀ, ଓ ସୁବର୍ଣ୍ଣ ଆଦି ମହିଳାଭକ୍ତମାନେ ଭୀମଙ୍କ ଟୁଙ୍ଗୀ ଭିତରେ ଉପସ୍ଥିତ ହୋଇ ଭୀମଙ୍କ ଠାରୁ ଧର୍ମ ଉପଦେଶ ଶ୍ରବଣ କରୁଥିଲେ । ଦେଓ୍ୱାନବାବୁ ଲାଲ ଲାଲ ଆଖି ଦେଖାଇ ତର୍ଜନ କରି ସାରୁ ଭୀମଙ୍କୁ କହିଲେ—'ତୁମେ ଧର୍ମ ନାମରେ ବ୍ୟଭିଚାର କରୁଅଛ, ରାଜାଙ୍କ ଆଦେଶ, ତୁମ୍ଭକୁ ଅଗ୍ନି ପରୀକ୍ଷା ଦେବାକୁ ହେବ' ଏହାକହି ଦେଓ୍ୱାନବାବୁ ସେଠାରୁ ଫେରି ଆସିଲେ । ରାଜାଙ୍କୁ ବସାଇ କହିଲେ —ଭୀମଙ୍କ ବିରୁଦ୍ଧରେ ଉପସ୍ଥାପିତ ହୋଇଥିବା ଅଭିଯୋଗମାନ ସଂପୂର୍ଣ୍ଣ ସତ୍ୟ । ସେଣୁ ଭୀମଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ହେବ, ମୁଁ କହିଦେଇ ଆସିଛି । ଦେଓ୍ୱାନଂକ ପ୍ରସ୍ତାବରେ ରାଜା ଏକମତ ହେଲେ । ସୋନପୁର ସହରର ଉପକଣ୍ଠ ମହାନଦୀ କୂଳ ଦିଲ୍-ବାହାଲପୁର ଜଙ୍ଗଲରେ ଅଗ୍ନିପରୀକ୍ଷାର ଆୟୋଜନ ହେଲା । ଶଗଡ ଶଗଡ କାଠ ଜମା ହେଲା । ନିଆଁ ଲାଗିବ । ଭୀମଭୋଇ ସେହି ନିଆଁରେ ପ୍ରବେଶ କରି ଅଗ୍ନିପରୀକ୍ଷା ଦେବେ । ଯୁବରାଜ ପ୍ରତାପରୁଦ୍ର ରାଜାଙ୍କର ପ୍ରସ୍ତାବର ବିରୋଧ କଲେ । ଅଗ୍ନି ପରୀକ୍ଷା ଏକ ସପ୍ତାହ ଘୁଞ୍ଚାଇ ଦିଆଗଲା ।

ଦେଓ୍ୱାନବାବୁଙ୍କ ଗର୍ଜନ ତର୍ଜନରେ ଭୟଭୀତ ନହୋଇ ଭୀମଭୋଇ ଶୂନ୍ୟ ପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ- ହେ ଶୂନ୍ୟବାସୀ ! ତୋର ଇଚ୍ଛା ମୋତେ କେତେଥର ପରୀକ୍ଷା କରୁଛୁ କର : ସବୁ ତୋରି ମାୟା,ଏ ପରୀକ୍ଷା ମୋର ନୁହେଁ ଏ ପରୀକ୍ଷା ତୋର । ଭୀମ ପରୀକ୍ଷା ଦେବାକୁ ବାହାରିବା ପୂର୍ବରୁ ଭକ୍ତ ହରିପଣ୍ଡା, ବାସୁଦେବ ପଣ୍ଡା, ପରଶୁରାମ, ସୀତାରାମ ଓ ସାଧୁ ମୋହନ ଦାସ, ତମ୍ବରୁବାବା

ଚମରୁବାବା ଆଦି ବାହାରି ପଡ଼ିଲେ ପରୀକ୍ଷା ସ୍ଥଳକୁ । ଭୀମଭୋଇ ନିଜର ଶିଷ୍ୟ ଓ ଭକ୍ତମାନଙ୍କ ଗହଣରେ ଦିଲ୍‌ବାହାଲ-ପୁର ଜଙ୍ଗଲରେ ପତ୍ର କୁଡ଼ିଆ ତୟାର କରି ରହି କେବଳ ମହିମା ପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ଭୀମଭୋଇ ଅଦ୍ଭୁତ ପୂର୍ବ ତିତିକ୍ଷା ଓ ଗୁରୁଭକ୍ତିର ଫଳ ପ୍ରାପ୍ତହେଲ । ସାତଦିନ ପୂର୍ଣ୍ଣ ନହେଉଣୁ ରାଜା ନୀଳଧର ସିଂହ ଇହଧାମରୁ ବିଦାୟ ନେଲେ । ଅଲେଖ ପ୍ରଭୁ ଓ ଭୀମଭୋଇଙ୍କର ଜୟଗାନକରି ଭୀମ ଭୋଇଙ୍କ ଭକ୍ତ, ସାଧୁ ଓ ଶିଷ୍ୟମାନେ ଗଗନ ପବନ କମ୍ପାଇ ଦେଲେ । ମହିମା ପ୍ରଭୁଙ୍କର ବିଜୟ ହେଲା । ଭୀମଭୋଇ ଭକ୍ତମାନଙ୍କ ଗହଣରେ ଖଲିଆପାଲି ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ଦିନକୁ ଦିନ ଭୀମ-ଭୋଇଙ୍କର ମହିମା ଚତୁର୍ଦ୍ଦିଗକୁ ବ୍ୟାପିବାକୁ ଲାଗିଲା । 'ଭୀମ ସାମାନ୍ୟ ମାନବ ନୁହଁନ୍ତି ସାକ୍ଷାତ ଦେବତା' ବୋଲି ଶତ ମୁଖରେ ପ୍ରଚାରିତ ହେଲା ।

## ● ଭୀମଙ୍କ ଗୃହସ୍ଥ ଜୀବନ

ଭୀମଙ୍କ ଗୃହସ୍ଥ ଜୀବନଯାପନ ଉପରେ ଏକ କିମ୍ବଦନ୍ତୀ ଅଛି, ଭୀମଭୋଇ ଥରେ ମହାନଦୀର ଜଳସ୍ପର୍ଶ କରି କହିଥିଲେ, ଅଲେଖ ପ୍ରଭୁଙ୍କ ଆଦେଶ ପାଇଲେ ସେ ପୃଥିବୀକୁ ଟାଳିଦେବେ ନଚେତ୍ ସେ ବ୍ରାହ୍ମଣ କନ୍ୟା ହରଣ କରିବେ । ଏକଥା ସେ ସର୍ବଦା ଦମ୍ଭରେ କହୁଥିଲେ । ଭଗବାନ କିନ୍ତୁ କାହାର ଗର୍ବ ସହ୍ୟ କରନ୍ତି ନାହିଁ । ଭୀମ ଯାହା ହେଲେ ମଧ୍ୟ ମଣିଷ । ଅଲେଖ ପ୍ରଭୁ ଭୀମଙ୍କର ଗର୍ବ ସମ୍ଭାଳି ପାରିଲେ ନାହିଁ । ଭୀମଙ୍କର ପ୍ରତିଜ୍ଞା ଅପୂର୍ଣ୍ଣ ରହିଲା, ତେଣୁ ସେ ବ୍ରାହ୍ମଣ କନ୍ୟା ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିଲେ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ—

ଭୀମଙ୍କ ଭକ୍ତ ବ୍ରାହ୍ମଣ କନ୍ୟା ଅନ୍ନପୂର୍ଣ୍ଣା ସ୍ୱପ୍ନାଦିଷ୍ଟ ହୋଇ ଭୀମଙ୍କ ସେବାରେ ରହିଥିଲେ । ଫଳରେ ଭୀମ ଅନ୍ନପୂର୍ଣ୍ଣାର ରୂପରେ

ମୋହିତ ହୋଇ ପତ୍ନୀ ରୂପରେ ଗ୍ରହଣ କରିଥିଲେ । ଅନ୍ୟ କେତେକ ତଥ୍ୟରୁ ଜଣାଯାଏ ଭୀମଭୋଇ ଅନ୍ନପୂର୍ଣ୍ଣା ଓ ସୁମେଧାଙ୍କୁ ପତ୍ନୀ-ରୂପରେ ଗ୍ରହଣ କରିଥିଲେ । ଏହି ଦୁଇ ପତ୍ନୀଙ୍କର ଗର୍ଭରୁ ଭୀମଙ୍କର ଗୋଟିଏ ପୁତ୍ର ଗୋଟିଏ କନ୍ୟା ଜାତ ହୋଇଥିଲେ । ପୁତ୍ରର ନାମ କପିଳେଶ୍ୱର ଓ କନ୍ୟାଟିର ନାମ ଲାବଣ୍ୟବତୀ ବୋଲି ଜଣାଯାଏ । ଏହି ପୁତ୍ର କନ୍ୟାଙ୍କ ସାହାଯ୍ୟରେ ମହିମାଧର୍ମ ପ୍ରଚାର କରି ବ୍ରହ୍ମାଣ୍ଡରେ ନୂତନ ଭବଧାର ଧାରଚିତ କରିବାପାଇଁ ଭୀମ ଆଶା କରିଥିଲେ ଯେପରି ଅଶୋକ ନିଜର ପୁତ୍ରକନ୍ୟା ମହେନ୍ଦ୍ର ଓ ସଂଘମିତ୍ରାଙ୍କ ସାହାଯ୍ୟରେ ସିଂହଳ ଦେଶରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ଭୀମଙ୍କର ଆଶା କିନ୍ତୁ ପୂରଣ ହୋଇ ପାରିନଥିଲା, କାରଣ ପୁତ୍ର କପିଳେଶ୍ୱର ଥିଲେ ଅକର୍ମଣ୍ୟ ତଥା ଘୁଙ୍ଗା ।

## ● ଭୀମଭୋଇଙ୍କ ଦ୍ୱାରା ସମାଜ ସଂସ୍କାର

ଭୀମଭୋଇଙ୍କ ଦ୍ୱାରା ମହିମାଧର୍ମ ପ୍ରଚାର ହେବା ଫଳରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଗଡଜାତ ଅଞ୍ଚଳରେ ଖ୍ରୀଷ୍ଟିୟାନ ଧର୍ମ ପ୍ରବେଶ କରିପାରିଲା ନାହିଁ । ଭୀମଭୋଇ ଖ୍ରୀଷ୍ଟଧର୍ମ ପ୍ରଚାରକ ମାନଂକର ପ୍ରତିବନ୍ଧକ ହୋଇ ରହିଲେ । ତାଂକ ମତରେ ସବୁ ଜାତି ସମାନ, ଛୁଆଁ ଅଛୁଆଁ ବୋଲି କିଛି ନାହିଁ । ଫଳରେ ହଜାର ହଜାର ଆଦିବାସୀ ହରିଜନ ସଂପ୍ରଦାୟର ଧର୍ମପ୍ରାଣ ଲୋକେ ଭୀମଂକଠାରୁ ଦୀକ୍ଷା ନେଇ ମହିମାଧର୍ମ ଗ୍ରହଣ କରିଥିଲେ । ହରିଜନ ଜାତିର ଲୋକମାନଂକର ସଂଜ୍ଞା ପରିବର୍ତ୍ତନ କରି ଭୀମ-ଭୋଇ ସେମାନଙ୍କୁ 'ଶାସେନୀ' ଉପାଧି ପ୍ରଦାନ କରିଥିଲେ । ଏବେ ସେହି 'ଶାସେନୀ' ଉପାଧି ସମ୍ବଲପୁର ଜିଲ୍ଲାରେ ପ୍ରଚଳିତ ଅଛି ।

ଭୀମଭୋଇଂକ ସହାୟତାରେ ସମ୍ବଲପୁର ଅଞ୍ଚଳର କେତେକ ମହିମା ଭକ୍ତ ପୁରୀ ଜଗନ୍ନାଥ ମୂର୍ତ୍ତିକୁ ପୋଡ଼ିଦେବା ପାଇଁ

ଆସିଥିଲେ ଓ ସେମାନଂକ ମଧ୍ୟରୁ କେତେଜଣ ପ୍ରାଣ ହରାଇଥିଲେ ବୋଲି ଯାହା ଶୁଣିବାକୁ ମିଳୁଛି ତାହା ଠିକ୍ ନୁହେଁ । ଅବଶ୍ୟ ଏହି-ପରି ଏକ ଘଟଣା ଘଟିଥିଲା ଓ ସେହି ଲୋକମାନଂକ 'ଅଲେଖ' ଶବ୍ଦ କହୁଥିଲେ କିନ୍ତୁ ଭୀମଭୋଇଂକ ସହାୟତାରେ ବା ତାଂକର କୌଣସି ଶିଷ୍ୟ ଏହି କାର୍ଯ୍ୟରେ ଲିପ୍ତ ନଥିଲେ ବୋଲି ଜଣାଯାଏ । ଯେଉଁ-ମାନେ ଆସିଥିଲେ ସେମାନେ ହୁଏତ ସ୍ୱଇଚ୍ଛାରେ ଏହିପରି କାର୍ଯ୍ୟ କରିବାକୁ ଆସିଥିବେ । ଏଥିରେ ଭୀମଭୋଇଂକର କୌଣସି ହାତ ନଥିବା ପରି ମନେହୁଏ ।

## ● ଭୀମଭୋଇଙ୍କ ଶେଷ ଜୀବନ ଓ ଖଲିଆପାଲି

ଭୀମଭୋଇଂକର ପୁତ୍ର କପିଳେଶ୍ୱର ମାତ୍ର ଅଳ୍ପ ବୟସରେ ଦେହ ତ୍ୟାଗ କରିଥିଲେ । କନ୍ୟା ଲାବଣ୍ୟବତୀ ରେଢ଼ାଖୋଲ ଅଞ୍ଚଳରେ ବିବାହ କରିଥିବାର ଶୁଣିବାକୁ ମିଳେ । ଭୀମଭୋଇ ମହିମା ପ୍ରଭୁଂକ ଆଶୀର୍ବାଦ ପାଇ ଯେଉଁ ସବୁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି ତାହା ଓଡ଼ିଆ ଧର୍ମ ସାହିତ୍ୟ ଜଗତରେ ଅମୂଲ୍ୟ ମଣିଭାବରେ ଯୁଗ୍ୟୁଗକୁ ସଂରକ୍ଷିତ ହୋଇ ରହିଥିବ । ଭୀମଭୋଇଂକ ଅଦମ୍ୟ ଚେଷ୍ଟା ଫଳରେ ମହିମା ଧର୍ମ ସର୍ବଜନ ପ୍ରଶଂସିତ । ଭୀମଭୋଇ ନଥିଲେ ମହିମାପ୍ରଭୁଂକ ପରେ ଚିରଦିନପାଇଁ ମହିମାଧର୍ମ ଲୋପ ପାଇଥାଆନ୍ତା । କେବଳ ଭୀମଙ୍କ ରଚିତ ମର୍ମସ୍ପର୍ଶୀ ଭଜନ ଜଣାଣ ଓ ତତ୍ତ୍ୱସମ୍ବଳିତ ଗ୍ରନ୍ଥ ଯୋଗୁ ମହିମାଧର୍ମ ଆଜି ସର୍ବଜନ ଆଦୃତ ।

ଭୀମଭୋଇ ୧୮୯୫ ମସିହାରେ ଖଲିଆପାଲିଠାରେ ଇହଧାମ ତ୍ୟାଗ କରିଥିଲେ । ତାଂକର ସମାଧି ମନ୍ଦିର ଏବେ ଖଲିଆପାଲି-ଠାରେ ବହୁ ମହିମା ଭକ୍ତମାନଂକ ଦ୍ୱାରା ପ୍ରତ୍ୟହ ପୂଜା ପାଉଅଛି । ପରେ ପରେ ଅନ୍ନପୂର୍ଣ୍ଣା ଓ ସୁମେଧା ଏହିଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଓ ସେମାନଂକ ସମାଧି ମନ୍ଦିର ଗୁଡ଼ିକ ମଧ୍ୟ

ଖଲିଆପାଲି **ଆଶ୍ରମ** ମଣ୍ଡଳରେ ଅବସ୍ଥିତ । ବର୍ତ୍ତମାନ ଶ୍ରୀୟାଦେବୀ ନାମରେ ଜଣେ ବୃଦ୍ଧାମାତା ଖଲିଆପାଲିଠାରେ ଭୀମଭୋଇଙ୍କ ପ୍ରତିଷ୍ଠିତ ଅଶ୍ରମରେ ଅବସ୍ଥାନ କରୁଛନ୍ତି ।

ପ୍ରତ୍ୟେକ ବର୍ଷ ମାଘପୂର୍ଣ୍ଣମୀ ଦିନ ଖଲିଆପାଲି ମହିମା ଆଶ୍ରମଠାରେ ଯୋରନ୍ଦା ମହିମାମେଳା ଅନୁରୂପ ମହିମା ମହୋତ୍ସବ ଅନୁଷ୍ଠିତ ହୁଏ । ଉକ୍ତ ପବିତ୍ର ଦିବସରେ ହଜାର ହଜାର ସଂଖ୍ୟାରେ ଧାର୍ମିକ ଲୋକ ଖଲିଆପାଲିଠାରେ ଉପସ୍ଥିତ ହୋଇ ମେଳାଟିକୁ ସାଫଲ୍ୟ ମଣ୍ଡିତ କରନ୍ତି—

## ● ଭୀମଭୋଇ ଅନ୍ଧ ଥିଲେ କ ?

ମହାତ୍ମା ଭୀମ ଭୋଇ ଅନ୍ଧ ଥିଲେ କି ନାହିଁ ବର୍ତ୍ତମାନ ଏହା ଏକ ବଡ ପ୍ରଶ୍ନ । କେତେକ ଗବେଷକ ଓ ସମାଲୋଚକ କହନ୍ତି, ଭୀମ ଭୋଇ ଆଦୌ ଅନ୍ଧ ନ ଥିଲେ । ଆଉ କେତେକ ସାହିତ୍ୟିକ ତଥା ସମାଲୋଚକ ବ୍ୟକ୍ତ କରନ୍ତି ଯେ, ଭୀମ ଭୋଇ ଜନ୍ମାନ୍ଧ ଥିଲେ । "ସ୍ପଷ୍ଟ ଭାବରେ କୁହାଯାଇ ପାରେ ଯେ ଭୀମଭୋଇ ଅନ୍ଧ ଥିଲେ କିନ୍ତୁ ଜନ୍ମାନ୍ଧ ନଥିଲେ, ଜୀବନର ଶେଷ ସମୟରେ ସେ ଦୃଷ୍ଟି ଶକ୍ତି ହରାଇ ଅନ୍ଧ ହୋଇ ଯାଇଥିଲେ" । ପାଠକ ପାଠିକା-ଗଣ ମନଯୋଗ ସହକାରେ ମହାତ୍ମା ଭୀମଭୋଇଙ୍କର ସମସ୍ତ ଭଜନ ଚୌତିଶା, ଗୀତା ଓ ସ୍ତୁତି ଆଦି ପାଠକଲେ ଏହି କଥାର ଜ୍ୱଳନ୍ତ ପ୍ରମାଣ ପାଇ ପାରିବେ ।

## ● ଭୀମ ଭୋଇଙ୍କ ବାଣୀ ଓ ଉପଦେଶ

(୧) "ଏକଶୂନ୍ୟ ପ୍ରଭୁଙ୍କ ଠାରେ ଶରଣ ପଶ ।"

(୨) "ଜାତି ଖୋଜିଲେ ମୁକ୍ତି ନାହିଁ । ମୁକ୍ତି ଖୋଜିଲେ ଜାତି ନାହିଁ"

(୩) ଛତିଶ କୁଳ ଯେ ବାଉନ ପାଟକ ଯେ ଅଛ ସ୍ତିରୀ ପୁରୁଷ
ଉଚ୍ଚ ନୀଚ ବୋଲି ବାରଣ ନକରି ନାମରେ ଶରଣ ପଶ
(ସ୍ତୁତି ଚିନ୍ତାମଣି—୯୨ ବୋଲି)

(୪) ଡାକି କହୁଛି ପିନ୍ଧିଥାଅ । ଡୋର କୌପୀନ ନ ଓହ୍ଲାଅ ।

(୫) ଆଦି ମହିମାଂକ ବାନା ପତିତପାବନ ।
ତାଂକର ଭେକ ଅଟଇ ସୁତାର ବସନ ।।
ମହାଶକ୍ତି ମହିମାଂକ ବାନାର ସମ୍ବଳ ।
ତାଂକର ବାନା ଅଟଇ ବୃକ୍ଷର ବକଳ ।।

(୬) ଅଲେଖପୁର ଭୁବନ ତହିଁ ନାହିଁ ବଡ ସାନ
ସମାନରେ ଦୟା ଦୃଷ୍ଟି ସର୍ବ ଜୀବରେ ।

**ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ।**
**ଏ ଜୀବନପଛେ ନର୍କେ ପଡ଼ି ଥାଉ ଜଗତ ଉଦ୍ଧାର ହେଉ ।।**

## ଦ୍ୱିତୀୟ ଭାଗ

( ମହାତ୍ମା ଭୀମଭୋଇଙ୍କ ଭଜନ ଓ ମାଳିକା )

**ଭଜନ :** ଭୀମଭୋଇଂକ ଭଜନ ଗୁଡ଼ିକ ଶୂନ୍ୟ ଓ ମହିମା ଦର୍ଶନ ଉପରେ ରଚିତ ହୋଇ ଥିଲେ ହେଁ ଆଜି ତାହା ହିନ୍ଦୁ ଧର୍ମର ସବୁ ସଂପ୍ରଦାୟ ଦ୍ୱାରା ଆଦୃତ ହୋଇ ପାଇଛି । ମହିମା ଧର୍ମାବଲମ୍ବୀ ମାନେ ବିଶ୍ୱାସ କରନ୍ତି ଯେ, ଏହା ଶୂନ୍ୟ ମହିମା ପ୍ରଭୁଙ୍କ ନିର୍ଦ୍ଦେଶରେ ରଚିତ ହୋଇ ଥିବାରୁ କୌଣସି ରୋଗଗ୍ରସ୍ତ ବ୍ୟକ୍ତିଙ୍କ ନିକଟରେ ଭୀମ ଭୋଇଂକ ଆଠ ଭଜନ ଓ ସ୍ତୁତି ମାନ

ବାଲିମାଟି ନାହିଁ ଭଭୁକୁଛି ହ୍ରଦ
ଗଙ୍ଗାଜଳ ଛାଡ଼ି କୂପଜଳେ ଗାଧ ।
ଲଭିବ ମୁକତି ନବୁଡ଼ିବ ଛାତି
ପୂର୍ବ ପୁଣ୍ୟଥିଲେ ପାଇ । ।୪।
ଛାଇ ପଡ଼ିଅଛି ନାହିଁ ବୃକ୍ଷମୂଳ
ପୁଷ୍ପକଢ଼ି ନାହିଁ ଫଳୁ ଅଛି ଫଳ ।
ଫୁଟିଛି ପଦର ଡେମ୍ବ ନାହିଁ ତାର
ଅସାଧନା ମାର୍ଗେ ପାଇ ହେ । ।୫।
ପତି ପତ୍ନୀ ରୂପେ କରନ୍ତି ଯୁଗଳ
ଇନ୍ଦ୍ରି ଅନ୍ତେ ନାହିଁ ପିନ୍ଧନ୍ତି ବକୁଳ ।
ସେ ପ୍ରଭୁ ପୟରେ ସେବ ନିରନ୍ତରେ
ଭଣେ ଭୀମସେନ ଭୋଇରେ । ।୬।

[୪]

କାହିଁ ବିଜୟ ମୋ ଇଷ୍ଟ ବାନ୍ଧବ
ଛନ୍ତି କେତେ ଦୂର ।
କେଉଁ ଠାରେ ଘର ଦେଖି ଅଛ
ଯେବେ କହିବ । । ଘୋଷା ।
ସ୍ନେହ ନାହିଁ ଛନ୍ତି ପ୍ରୀତି ଲଗାଇ
ଦେଖା ଦେଖି ନାହିଁ ମୂର୍ଚ୍ଛି ନୁହଇ ।
ପ୍ରତିଦିନ କଥା ବାର୍ତ୍ତା ଲାଗିଛି
କେବେ ଦିନେ ଭେଟ ପଡ଼ିବ । ।୧।
ବସ୍ତି ଦେଇଛନ୍ତି ସ୍ଥାନ ନଥାଇ
ଘର ଦେଉଲ ଛାତ କୁଟା ନଥାଇ ।
ଦ୍ୱାର ଦେଇଛନ୍ତି ନାହିଁ ଦୀର୍ଘ ପ୍ରତି
କେଉଁ ରୂପେ ଯାଇ ଆସିବ । ।୨।

ଅକର୍ମ ଦାୟକ ପର  ବୋଲନ୍ତି
 କର୍ମେ ନାହିଁ ଥିଲେ ଯାଚି ଦିଅନ୍ତି ।
ଦରିଦ୍ର ଅଟନ୍ତି ଦାତାପଣେ ଦ୍ୟନ୍ତି
 ସେବା ନ କରନ୍ତେ ଫଳ ମିଳିବ । ୩
ସର୍ବ ଗୃହରେ କୁଣ୍ଡିଆ ହୁଅନ୍ତି
 ବନ୍ଧୁ ବୋଲି କେହି ନାହିଁ ଚିହ୍ନନ୍ତି ।
ପାଖରେ ନ ଥାଇ କଷଣ ଫେଡନ୍ତି,
 ତାଙ୍କ ଗୁଣମାନ କେହୁ ଶୁଝିବ । ୪
ବାନା ତିନିପୁର ମଧ୍ୟେ ଉଡୁଛି
 ଧର୍ମ ନାହିଁ ପୁଣ୍ୟେ ପୃଥୀ ପୁରିଛି ।
ଯଶ ନାହିଁ କୀର୍ତ୍ତି ପ୍ରକାଶ ହୋଇଛି
 ଚାରି ଯୁଗକୁ ସେ ରହିବ । ୫ ।

**ମାଲିକା—**

ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଭଳି ମହାତ୍ମା ଭୀମଭୋଇ ମଧ୍ୟ ଭବିଷ୍ୟତ ମାଳିକା ଗ୍ରନ୍ଥ ରଚନା କରି ଯାଇଛନ୍ତି । ମହାତ୍ମା ଭୀମ ଭୋଇଙ୍କ ରଚିତ ଭବିଷ୍ୟତ ମାଳିକା ଗ୍ରନ୍ଥର ନାମ 'ପଦ୍ମକଳ୍ପ' । ପଦ୍ମକଳ୍ପ ବ୍ୟତୀତ ସେ ଭଜନ ମାଧ୍ୟମରେ ଭବିଷ୍ୟତ ଦିନଗୁଡ଼ିକ କିପରି ଦୁଃଖମୟ, କଷ୍ଟ ଦାୟକ ତଥା ହାନିକାରକ ଏ ସବୁର ପୂର୍ବାଭାଷ ଚିତ୍ର ପ୍ରଦାନ କରିଯାଇଛନ୍ତି । ଏ ସଂପର୍କରେ ତାଙ୍କ ଦ୍ୱାରା ରଚିତ 'ଆଗୁଳି ହୁର୍‌ଦିନ ଭଜନ' ବିଶେଷରେ ଉଲ୍ଲେଖଯୋଗ୍ୟ ॥

## ଆସୁଛି ଦୁର୍‌ଦିନ ଭଜନ !

(ମନ) ତର୍କିଥିବୁ ତେତିଶ ଅଙ୍କରେ
ପ୍ରାଣୀଏ ନାଶ ଯିବେ ରଙ୍ଗରେ । ଘୋଷା ।
ବତିଶ ତେତିଶ ପୁଣି ଚଉତିରିଶ
ମୀନ ଶନି ଯୋଗ ହେବ ଅଢ଼ାଇବର୍ଷ
ପୃଥୀ ଓହେବ ଉଲ୍ଲୋଳ ଯୋଗି ହେବେ ପ୍ରବଳ
ଚଢ଼ି ହାଡ କଂକାଳ ଗଢ଼ିବ ମୁଣ୍ଡମାଳ
କମ୍ପିବ ଭଇରବୀ ଡାକରେ । ୧ ।

ଦିବସେ ଶୃଗାଳ ଡାକ ହେବ ବିଶେଷ
ଶବ ମାଂସ ଖାଇ ସର୍ବେ ହେବେ ଉଲ୍ଲାସ
ରତ୍ରରେ କାକ ପୀକ ପେଚା ଆଦି ଉଲୁକ
ଧ୍ୱନି ଯେ କରୁଥିବେ ହୋଇ ଅତି ଉଚ୍ଛୁକ
ଘଡଘଡ଼ି ଶବଦେ କମ୍ପିବ ପୃଥୀଯାକ
ଲୋକେ ହୋଇବେ ଭୟାନକରେ । ୨ ।

ପୂର୍ବରେ ନକ୍ଷତ୍ର ଲଞ୍ଜା ଉଦେ ହୋଇବ
ଧୂମକେତୁ ପ୍ରାୟେ ସବୁ ପ୍ରକାଶ ହେବ
ଅଦିନେ ହୀନ ବୃଷ୍ଟି ଫଳ ପୁଷ୍ପ ଛାଡ଼ିବ
ବୈଶାଖରେ କୁହୁଡ଼ି ବ୍ରହ୍ମାଣ୍ଡ ଆଚ୍ଛାଦିବ
ବିନା ମେଘେ ଘଡଘର୍ଡି ବଡ଼ିଏ ଛାଡୁଥିବେ
ଅଦ୍ଭୁତେ ଆକାଶୁ ଶିଳା ବୃଷ୍ଟି ହୋଇବ
ମରିବେ ଜୀବ ଜନ୍ତୁ ଯାକରେ । ୩ ।

ଦିନୁଦିନ ହୀନ ବୃଷ୍ଟି ସଂସାରେ ହେବ
ଧାନାଦି ଫସଲ ସବୁ ନଷ୍ଟ ହୋଇବ

ମୁଗ କୋଳଥ ବିରି — ମାଣ୍ଡିଆ ଆଦି କରି
ଛେଳି ମଇଁଷୀ ମେଣ୍ଢା — ଗାଈ ଘୋଡା ଘୁଷୁରି
ଅନ୍ନ ବିହୁନେ ପ୍ରାଣୀ — ଖାଇବେ ପିଟିକରି
ରଜାଏ ନ ଶୁଣିବେ — ପ୍ରଜାଙ୍କର ଗୁହାରି
ହୋଇବେ ଅରକ୍ଷିତ ଲୋକରେ । ୪ ।

ଦୟା ଧର୍ମ କାହା ହୃଦେ ରହିବ ନାହିଁ
ପୁତ୍ର ଭରିଯାକୁ ଛାଡ଼ି ଯିବେ ପଳାଇ
ଦେଢଶୁର ସଙ୍ଗତେ — ଭାଇବୋହୁ ପୀରତି
ଶାଶୁ ସଙ୍ଗତେ ଜ୍ୱାଇଁ — ଆଈ ସଙ୍ଗତେ ନାତି
ମାତାକୁ ଧରି ପୁତ୍ର — ବଳେ କରିବେ ପ୍ରୀତି
ଭାଇ ଭଉଣୀ ମିଶି — କରୁଥିବେ ଅକୀର୍ତ୍ତି
ନ ମାନିବେ ଗୁରୁଜନ ବାକ୍ୟରେ । ୫ ।

ନିଜେ ନିଜ ଜାତି କେହି ରଖିବେ ନାହିଁ
ମତୁଆଲ ହେବେ ମଦ ମାଂସକୁ ଖାଇ
ଶୁଦ୍ରେ ପଢିବେ ବେଦ — ଦ୍ୱିଜ ଖାଇବେ ମଦ
ବ୍ରାହ୍ମଣ ସ୍ତ୍ରୀମାନେ — ଆଶ୍ରେ କରିବେ ଶୁଦ୍ର
ଚଣ୍ଡାଳୁଣୀ ଧରିବେ — ବ୍ରାହ୍ମଣ ହୋଇ ଅନ୍ଧ
ପୋଇଲୀ ପୁତ୍ରମାନେ — ପାଇବେ ରଜପଦ
ପୋଇଲୀ ହେବେ ରାଣୀ, — ରାଣୀ ସେବିବେ ପାଦ
ନ୍ୟାୟ ବୁଝିବେ ଲେଉ୍ର ଲୋକରେ । ୬ ।

ବ୍ରାହ୍ମଣ ବୈଶ୍ୟ ଶୁଦ୍ର ଯେ ହେବେ ନିଉନ
ତେଲି ତନ୍ତି ତାମୁଳୀ ଶୁଣ୍ଢୀ ହେବେ ପ୍ରଧାନ
ବୈଷ୍ଣବ ଅତିଥି ଦେଖି — ନିନ୍ଦା ଯେ କରୁଥିବେ
ଟଙ୍କା ପଇସା ନେଇ — ଖଇଣା ଖାଉଥିବେ

ପ୍ରୀତି ଆଲୋକ ହୋଇ    ଜାତିଆ ବୋଲାଇବେ
ଅଲେଖ ଧର୍ମକୁ କେହି    ଶରଧା ନ କରିବେ
ବୁଡ଼ିବ ଭକ୍ତଙ୍କର ଭେକରେ । ୭ ।

ସାତ ଗ୍ରାମ ଭାଙ୍ଗି ଏକ ଗ୍ରାମ ହୋଇବ
ସାତ ଘର ଲୋକ ଏକା ଘରକେ ଥିବ
ଅଧେ ଖାଇବେ ବୁଡ଼ି    ଅଧେ ମରିବେ ବୁଡ଼ି
ବାଢ଼ି ବସନ୍ତ ରୋଗ    ବେଳୁଁ ଆସିବ ମାଡ଼ି
ଅଧେ ମାରିବେ ଖଣ୍ଡ    ଅଧେ ମରିବେ ଚଢ଼ି
ମୁଣ୍ଡେ ପିଟିଣ ବାଡ଼ି    ରାଜ୍ୟଦେବେ ଘଉଡ଼ି
ନ ରହିବ ଜାହାରି ଟେକରେ । ୮ ।

ଅଷ୍ଟତ୍ରିଂଶ ଅଙ୍କଠାରୁ ଅଣଚାଳିଶ
ଟାକି ରହିଥାଅ ଅଛ ଯେତେ ମନୁଷ୍ୟ
ଶ୍ରୀରାମଚନ୍ଦ୍ର ଦେବ    ହୋଇଥିବେ ରାଜନ
ଯେତେ ଶାନ୍ତ ଭକତ    ସବୁ ଥିବେ ଗୁପତ
କହଇ ଭୀମ ଅଚକ୍ଷିତରେ । ୯ ।

61158
27/7/73
SIMLA

ସୁନ୍ଦର ପ୍ରିଣ୍ଟର୍ସ, ୟୁନିଟ--୭ ଭୁବନେଶ୍ୱର